ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ । ଦ୍ୱିତୀୟ ସଂଖ୍ୟା । ଫେବୃଆରୀ ୨୦୨୨



# ଆମ କବିତା

ପ୍ରଥମ ବର୍ଷ । ଦ୍ୱିତୀୟ ସଂଖ୍ୟା । ଫେବ୍ରୁଆରୀ ୨୦୨୨


ମାର୍ଗଦର୍ଶକ

ଡ. ପ୍ରମୋଦ ଚନ୍ଦ୍ର ଦାଶ

ଉପଦେଷ୍ଟା ମଣ୍ଡଳୀ

ବିଭୂପ୍ରସାଦ ହରିଚନ୍ଦନ

ଡ. ରଶ୍ମୀରଞ୍ଜନ ନାଥ

ନିଶିକାନ୍ତ କହଲସିଂହ

ସଂପାଦକ :

ସମରଜିତ୍ ପଟ୍ଟନାୟକ

ସହଯୋଗୀ ସଂପାଦକ :

ବାବାଜୀ ଜେନା

ରଶ୍ମିତା ନାୟକ

ବାସନ୍ତୀ ଦେଇ

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା :

ରାଜୀବ ରଥ

ପ୍ରୀତମ ବଳୀୟାରସିଂହ

ପ୍ରକାଶକ :

ଆମରିସତ୍ୟ


## ସଂପାଦକୀୟ



ଓଡ଼ିଆ ଭାଷାରେ ଲେଖକ ଓ କବିମାନେ ନିଜର ସୃଜନଶୀଳତାକୁ ଗଦ୍ୟ ବା ପଦ୍ୟ ଆକାରରେ ପରିପ୍ରକାଶ କରିଥାନ୍ତି । ଗଦ୍ୟ ମାଧ୍ୟମରେ ଶୁଦ୍ଧ ଲିଖନ ଏବଂ ପଠନ ଉପରେ ଗୁରୁତ୍ୱ ଦେବା ସହ ଭାଷା ଜ୍ଞାନର ଅଭିବୃଦ୍ଧି ଘଟିଥାଏ । କିନ୍ତୁ ମଣିଷ,ଦୁଃଖରେ ଗଦ୍ୟ ଅପେକ୍ଷା ପଦ୍ୟ ରଚନା ତଥା ଆବୃତ୍ତିରେ ଆନନ୍ଦ ପାଇଥାଏ । କୌଣସି ଶାନ୍ତ ଏବଂ ନୀରବ ମୁହୂର୍ତ୍ତରେ ପୂର୍ବ ଅନୁଭୂତି ସ୍ମରଣ କଲେ କବିତା ସୃଷ୍ଟି ହୁଏ । ତେଣୁ କବିତା ଯଥାର୍ଥରେ ଚିରନ୍ତନ ସତ୍ୟକୁ ଉଦ୍‌ବେଳିତ କରିଥାଏ ।

ଏହି ମାସରେ କବି ଓ କବୟିତ୍ରୀମାନେ ବିଭିନ୍ନ ସ୍ୱାଦର କବିତା ମାଧ୍ୟମରେ ଆନନ୍ଦ ଦେବାକୁ ପ୍ରୟାସ କରିଥିବାରୁ ସେମାନେ ଧନ୍ୟବାଦର ପାତ୍ର ।


ଏମ୍-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ

ପୋ.ଅ. : ପି.ଏନ୍. କଲେଜ, ଜି: ଖୋରଧା, ପିନ୍ : ୭୫୨୦୫୭, ଓଡ଼ିଶା

ମୋ : ୯୪୩୭୨୮୧୬୫୫

email: amarisatya@gmail.com

| କ୍ର.ସଂ. କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|
| ୧ .କୁଆଁରୀ ଖୁସିର ଭୋକ | ମନୋଜ ପଟ୍ଟନାୟକ | ୫ |
| ୨. ଜଳୁଛି ଯେ ବାରବାର | ଅଜୟ କୁମାର ବେହେରା | ୬ |
| ୩. ବଉଳ ମହକ | ବାବାଜୀ ଚରଣ ଜେନା | ୭ |
| ୪. ତୁମ ଚଲାପଥେ ଫୁଲ ବର୍ଷୁ... | ହରିଶ୍ଚନ୍ଦ୍ର ବେହେରା | ୮ |
| ୫. ମୁଁ ମର୍ତ୍ତ୍ୟ ମଣିଷ ଟିଏ | ଉମାକାନ୍ତ ନାୟକ | ୯ |
| ୬ ଜନ୍ମଭୂମି | ପଣ୍ଡିତ ବାସୁଦେବ ସାହୁ | ୧୦ |
| ୭ ଗୋଟିଏ ପଦୁଁଅ ବନ | ପୀତାମ୍ବର ମହାପାତ୍ର | ୧୧ |
| ୮. ପ୍ରଭୁ ହେ | ସୁନିତା ମହାନ୍ତି | ୧୨ |
| ୯. ପ୍ରିୟା | ସଂଧ୍ୟା ରାଣୀ ଦାଶ | ୧୩ |
| ୧୦ ସରସ୍ୱତୀଙ୍କୁ ପ୍ରଣତି | ଶୁଭଶ୍ରୀ ପ୍ରଧାନ | ୧୪ |
| ୧୧. ଜୟ ହେ ଶ୍ରୀ ହରି | ସୌଦାମିନୀ ସାମନ୍ତରାୟ | ୧୫ |
| ୧୨ ତୁମ କଥା....... | ଡ. ଶରତ କୁମାର ଚଉଁରୀ | ୧୬ |
| ୧୩ ସ୍ୱପ୍ନ | ସୂର୍ଯ୍ୟକାନ୍ତି ଦାଶ | ୧୭ |
| ୧୪ କାଳେ କାଳେ ଯୁଦ୍ଧ ଲୋଡ଼ା... | ମମତା ବାରିକ୍ | ୧୮ |
| ୧୫ ଖୋଲ ନାହିଁ ଇତିହାସ | ସୁରଞ୍ଜନ ପାତ୍ର | ୧୯ |
| ୧୬. ବାପା | ଗୋପୀନାଥ ସେଠୀ | ୨୦ |
| ୧୭. ଦାଦନ | ବିପ୍ଳବ ରାଉତ | ୨୧ |
| ୧୮. ଛଳନା | ନିଶିକାନ୍ତ କହଲସିଂହ | ୨୨ |
| ୧୯. ପଞ୍ଚାୟତ ନିର୍ବାଚନ | ଯମେଶ୍ୱର କହଲସିଂହ | ୨୩ |
| ୨୦. ଶୀତ | ସମରଜିତ ପଟ୍ଟନାୟକ | ୨୪ |
| ୨୧. ମହକ | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୨୪ |
| ୨୨. ଚିର ବନ୍ଦନୀୟା ମାଆ | ସ୍ୱପ୍ନାରାଣୀ ପାଣିଗ୍ରାହୀ | ୨୫ |
| ୨୩. ମୋ ଦେଶ ମହାନ୍ | ଅଶ୍ବିନୀ କୁମାର ତ୍ରିପାଠୀ | ୨୬ |
| ୨୪. ଜୀବନ ଯନ୍ତ୍ରଣା | ଶ୍ୱେତ କୁମାର ବେହେରା | ୨୭ |
| ୨୫. ମିଛକୁ ସତ | ରମେଶ ଚନ୍ଦ୍ର ମିଶ୍ର | ୨୮ |

| | | |
|---|---|---|
| ୨୬. କୈଶୋର ଶିକ୍ଷା | ଲକ୍ଷ୍ମୀଧର ବେହେରା | ୨୯ |
| ୨୭. ବୋଉ | ନଳିନୀ ପ୍ରଭା ଦାସ | ୩୦ |
| ୨୮. ଜୀବନଟା ଊର୍ମି ମାଳ | ନିଧି ସାହୁ | ୩୧ |
| ୨୯. ମାନବିକତା | ତୃମ୍ପି ଦାଶ (ମିଶ୍ର) | ୩୨ |
| ୩୦. ଅପହୃତ ସ୍ମୃତିର ଛାୟା.. | ଡ.ମାନସ ରଞ୍ଜନ ପଣ୍ଡା | ୩୩ |
| ୩୧. କବିତା ଧାରା | ଅରୁଣ ଦାଶ | ୩୪ |
| ୩୨. ଅଧା ସ୍ୱପ୍ନ | ଡ ଦିଲ୍ଲୀପ ଶ୍ରୀଚନ୍ଦନ | ୩୫ |
| ୩୩. ମୋ ଗାଆଁ | ମଧୁଛନ୍ଦା ଦାଶ | ୩୬ |
| ୩୪. ଶ୍ରଦ୍ଧାର ଠାକୁର | ତୋଫାନ କୁମାର ରାଉତରାୟ | ୩୭ |
| ୩୫. ଜନ୍ମଭୂମି ମୋ ଭାରତ | ଡଃ ଚପଳା ପଣ୍ଡା | ୩୮ |
| ୩୬. ଗଣତନ୍ତ୍ର ଦିବସ | ବିଳାସିନୀ ଦାଶ | ୩୯ |
| ୩୭. ବଡ଼େଇ ପକ୍ଷୀଙ୍କର | ଆରତି ମଞ୍ଜରୀ ଦାଶ | ୩୯ |
| ୩୮. କେରାଏ କୃଷ୍ଣ ଗୀତି | ଦେବବ୍ରତ ବାରିକ | ୪୦ |
| ୩୯. ଆତ୍ମ ବିଶ୍ୱାସ | ପଦ୍ମନାଭ ପାଣିଗ୍ରାହୀ | ୪୧ |
| ୪୦. ଖାଲ | ଜୟଦେବ ସିଠ | ୪୨ |
| ୪୧. ବାସ୍ତବ ତୋ ପ୍ରୀତି | ରଞ୍ଜିତା ମିଶ୍ର | ୪୩ |
| ୪୨. ଭାବର ଈଶ୍ୱର | ଶିଶିର କୁମାର ସ୍ୱାଇଁ | ୪୪ |
| ୪୩. ବନ୍ଦେ ମାତରଂ | ସରୋଜିନୀ ଦାସ | ୪୫ |
| ୪୪. ସତେ ତୁ' କିଏ | ତ୍ରିଲୋଚନ ଦାସ | ୪୬ |
| ୪୫. ସକାଳ ଜଣାଣ | ଗୋଦାବରୀଶ ଦାସ | ୪୭ |
| ୪୬. ନୂଆ ବର୍ଷରେ ନେତାଙ୍କ ପ୍ରତିଶୃତି | ଅର୍ଜୁନ ଦାସ | ୪୮ |
| ୪୭. ଦୁଃଖର ଗଣ୍ଠିଲି | ସିଦ୍ଧେଶ୍ୱର ତ୍ରିପାଠୀ | ୪୮ |
| ୪୮. ଆକାଶ ଯାଇଛି ଶୋଇ | ସୁଶ୍ରୀ ପ୍ରୀତି ଲତା ପଣ୍ଡା | ୪୯ |
| ୪୯. ଅଦ୍ୱିତୀୟ ଅଭିନବ ଅମ୍ଳାନ ... | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୫୦ |



# କୁଆଁରୀ ଖୁସିର ଭୋକ

**ମନୋଜ ପଟ୍ଟନାୟକ**

କାଣିଚେ ଦୁଃଖରେ ମୋ'ର ଝରିଗଲା
ଦି'ଧାର ଅଶ୍ରୁର ସୁଖ
ଅଳପ ଚିହ୍ନାରେ ଭୁଲ୍ ହେଲା ମୋ'ର
ଲାଜେଇ ସ୍ବପ୍ନର ଅଙ୍କ ||୦||

ପୁରୁଣାକାଳିଆ ମନର କାନ୍ଥରେ
ଏଣୁତେଣୁ ଝୋଟି ଚିହ୍ନ
ମନମତାଣିଆ ଇଚ୍ଛା ଅଗଣାକୁ
ଆଉ ତ ଆସୁନି ଜହ୍ନ,
ଟିକିଏ କଥାରେ ମରିଗଲା ମୋ'ର
କୁଆଁରୀ ଖୁସିର ଭୋକ|୧|
କାଣିଚେ ଦୁଃଖରେ ...

ଧୋବଧାଉଳିଆ ଦେହର ଗାଆଁରେ
ଅକାଳ ମରୁଡ଼ି ଦୃଶ୍ୟ
କଥାକୁହାଳିଆ ଗହଳ ନିଦରେ
ଅଭାବୀ ଅଧୀର ସ୍ପର୍ଶ,
ଥରିଏ ଦେଖାରେ ଗଜୁରି ଉଠିଲା
ସବୁଦିନପାଇଁ ଶୋକ |୨|
କାଣିଚେ ଦୁଃଖରେ...

'ଆଶ୍ରୟ', ଡି/୯୯, ସେକ୍ଟର-୭,
ମର୍କତନଗର, କଟକ-୭୫୩୦୧୪,
ମୋ : ୯୪୩୭୩୮୬୦୦

# ଜଳୁଛି ଯେ ବାରବାର

**ଅଜୟ କୁମାର ବେହେରା**



ପ୍ରୀତି-ଅନଳରେ ପତଙ୍ଗଟିଏ ମୁଁ
ଜଳୁଛି ଯେ ବାରବାର
ତୁମେ କି ବୁଝିବ କାହିଁକି ନିଆଁକୁ
କରିଛି ମୁଁ ଆପଣାର ।।

ପାଇବାର ଇଚ୍ଛା ଜାଗିଛି ମନରେ
ଖୋଜୁଛି ମୁଁ ଦିନରାତି
ଭେଟନ୍ତି କି ସଦା ଜୀବନ-ପଥରେ
ଖୁସିରେ ଯାଆନ୍ତି ମାତି
ମରି ମରି ଏଠି ଜିଇବାଟା ଖାଲି
ନୁହେଁ ଅଭିଳାଷ ମୋର
ପ୍ରୀତି-ଅନଳରେ ପତଙ୍ଗଟିଏ ମୁଁ
ଜଳୁଛି ଯେ ବାରବାର ।।

ବିତାଇଛି କେତେ ନିଃସଙ୍ଗରେ ଏଠି
ତୁମକୁ ମୁଁ ଭାବି ଭାବି
ଆଙ୍କିଛି ମୁଁ କେତେ ମାନସପଟରେ
ତୁମର ରୁପେଲି ଛବି
କେବେ ବି ଏ ମନ ବୁଝି ନାହିଁ କିଛି
ଭେଟିଛି ମୁଁ ଯେତେ ଥର
ପ୍ରୀତି-ଅନଳରେ ପତଙ୍ଗଟିଏ ମୁଁ
ଜଳୁଛି ଯେ ବାରବାର ।।

**ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ,**
**ଜଗତସିଂହପୁର**
ମୋ - ୯୮୬୧୧୩୮୪୮୩



# ବଉଳ ମହକ

**ବାବାଜୀ ଚରଣ ଜେନା**

ବଉଳ ମହକେ ମହକି ଉଠଇ
ଏଇ ମୋର ଛୋଟ ଅଗଣା
ତୁମ ଆସିବାର ବେଳ ଗଡି ଗଲେ
ଝୁରି ହୁଏ ମନ ମଇନା,,।୦।
ଏ ଆଖିକୁ ମୋର ନିଦ ଆସେ ନାହିଁ
ଲମ୍ବି ଯାଏ କେତେ ଭାବନାର ନଈ
ଲାଗୁ ଅଛି ତମେ ଯାଅ ଛୁଇଁ ଦେଇ
ପ୍ରୀତି ରଙ୍ଗ ଟିକେ ମୁଁହେ ବୋଳି ଦେଇ
ସବୁ ବୁଝି ତମେ ଅବୁଝା ପରିକା
ମୋ ମନକୁ କିଆଁ ବୁଝନା,।୧।
ତମକୁ ଏ ଆଖି ଖୋଜେ ବାର ବାର
ଲାଗେ ନାହିଁ ମନ କେଉଁଥିରେ ମୋର
ଆସିବାର କଥା ତମେ ଦେଇ ଥିଲ
କାମ ଚାପେ ଅବା ତମେ ଭୁଲି ଗଲ
ଆଜି କାହିଁ ମୋତେ ଭଲ ଲାଗୁ ନାହିଁ
ନିଜେହିଁତ ବୁଝି ପାରେନା,,।୨।

ଅହଲ୍ୟା ନିବାସ
ପୋପରଡା, ନୂଆବଜାର, କଟକ୪
୯୪୩୭୮୩୪୭୧୯

# ତୁମ ଚଲାପଥେ ଫୁଲ ବର୍ଷୁ ଥାଉ

ହରିଶ୍ଚନ୍ଦ୍ର ବେହେରା



ତୁମ ଚଲାପଥେ ଫୁଲ ବର୍ଷୁ ଥାଉ
ମୋ ପଥେ ପଡୁଗୋ କଣ୍ଟା
ଦୁଃଖ କୁ କରିଛି ଗଳା ମାଳି ମୁଁ ତ
ବାଙ୍କିଲାଣି ପିଠି ଅଣ୍ଟା ।୦।
ସୁଖ ବୋଲି ଯାହା କହେ ଏ ସଂସାର
ମୋ ପାଇଁ କୁହୁଡ଼ି ନଈ
ପାଇବାକୁ ଯାହା ହାତ ବଢ଼େଇଛି
ଗୋଟେ ମରୀଚିକା ଛାଇ
ଜୀବନ ବୋଲିଣ ଯାହାକୁ ଜୀଉଁଛୁ
ଖାଲି ଗୃଢକଙ୍କ ଲଟା ।୧।
ମୋ ଭିତରେ ଥାଇ କୁରରୀ ପକ୍ଷୀଟି
କୁହୁରି କୁହୁରି କାନ୍ଦେ
କେଉଁ ଲଗ୍ନରେ ମୁଁ ଜନ୍ମିଲି କେଜାଣି
ଫଟା କପାଳ କୁ ନିନ୍ଦେ
ଖୋଜୁଥିଲି କେତେ ପାଇଲି କେତେ ମୁଁ
ସରୁନାହିଁ ଭାଗ ବଣ୍ଟା ।୨।
ଦୁଃଖ ଜରା ବ୍ୟାଧି ଦେହକୁ ଦହୁଛି
ଦହଦହ ଆତ୍ମା ମୋର
କେଉଁଠି ଶ୍ରାବସ୍ତି ତଟ ନିରଂଜନା
ଅମ୍ରପାଲୀର ନୂପୁର
କର୍ମ କଷଣ ର ଦିନ ସରି ଆସେ
ବାଜିଲାଣି ଶେଷ ଘଣ୍ଟା ।୩।

କଲ୍ୟାଣ ନଗର , ବାଲେଶ୍ୱର-୧
ମୋ-୯୪୩୭୮୧୩୭୦



# ମୁଁ ମର୍ତ୍ତ୍ୟ ମଣିଷ ଟିଏ

**ଉମାକାନ୍ତ ନାୟକ**

ନନ୍ଦନ ବନ ପାରିଜାତ ତମେ
ମୁ ମର୍ତ୍ତ୍ୟ ମଣିଷ ଟିଏ,
ତୁମକୁ ପାଇବା ଏମିତିକା ଭାଗ୍ୟ
ମୋତେ ଅବା ଦବ କିଏ----।

ତୋଳିବା ତ ଦୂର ମୋ ପାଇଁ ସପନ
ଛୁଇଁବା ତୁମରି ତନୁ
ପାଇବା ତୁମକୁ ଦୁର୍ଲଭ ଜାଣି ବି
ଭୁଲି ପାରୁନାହିଁ ମନୁ----

ଅବୁଝା ମନକୁ--ସୀମା ଡେଇଁ ବାକୁ
ବାରଣ କରିବ କିଏ---।

ଆକାଶ ତାରାକୁ ଛୁଇଁ ହେବ ନାହିଁ
ଚାହିଁବା ନୁହେଁ ତ ପାପ
ଆକାଶ କୁସୁମ କିଏ ସେ ତୋଳିବ
ଇଏ ଖାଲି ଗୋଟେ ଗପ----

ସେ ଗପରେ ତମେ କାହିଁକି ଆସୁଛ
କାରଣ ଖୋଜିବ କିଏ---।।

**ସମ୍ପାଦକ,**
**ଜଗତସିଂପୁର ସାହିତ୍ୟ ପରିଷଦ,**
**ମୋ - ୮୮୯୫୦୬୪୬୧୩**

# ଜନ୍ମଭୂମି

**ପଣ୍ଡିତ ବାସୁଦେବ ସାହୁ**



ଦେଖ ମୋ ଜନ୍ମଭୂମି କେଡେ ସୁନ୍ଦର
ତା'ଫୁଲ ଫଳ ସତେ କେଡେ ମଧୁର
କେଦାର କାନନରେ ମଣ୍ଡିତ ଗଭା
ସବୁଜିମା ଅମ୍ବରେ ଶରୀର ଶୋଭା---୧
ପକ୍ଷୀଙ୍କର ମୂର୍ଚ୍ଛନା କେଡେ ମଧୁର
କାକଳୀର ସଙ୍ଗୀତ ପଞ୍ଚମ ସ୍ୱର
ଗୋଗୋଷ୍ଠ ବଂଶୀ ସ୍ୱନ ଭାସି ଆସଇ
ଦୁଃଖ ଲାଘବ କରେ କ୍ଷଣିକ ପାଇଁ---୨
ମୋ ଗାଆଁ ଯାନି ଯାତ୍ରା କେଡେ ଉନ୍ନତ
ଭାରତଲୀଳା ଦଣ୍ଡ ନାଚ ସଙ୍ଗୀତ
ମୋ ଗାଆଁ,ମୋ ସଂସ୍କୃତି କି'ଆକର୍ଷଣ
ପ୍ରକୃତି ଗଢିଅଛି କରି ଯତନ---୩

ମୋ ଗାଆଁ ପୁଷ୍କରିଣୀ କେଡେ ସୁନ୍ଦର
କାଚ କେନ୍ଦୁ ସଦୃଶ ସ୍ୱଚ୍ଛ ସଲୀଳ
ଗ୍ରାମ ଦେବୀ ମନ୍ଦିର କି'ମନୋହର
ପ୍ରାକୃତିକ ସୌନ୍ଦର୍ଯ୍ୟ ଉପମାସ୍ଥଳ---୪
ଭାଇଚାରାର ଭାବ ରହିଛି ଏଠି
ବିପଦ ଆପଦ ରେ ମିଶି ଏକଠି
କୃଷି ଅଟଇ ମେରୁଦଣ୍ଡ ଏହାର
ରାଜନୀତି ଶ୍ରୀହୀନ କଲା ଗ୍ରାମର---୫
ଏଇଠି ରହିଅଛି ମୋ ଷଠିଘର
ଶେଷେ ଜଳିବ ଏଠି ଚିତା ମୋହର
ସାଇତି ରଖିଅଛି ଅନେକ ସ୍ମୃତି
ତା"ପାଦେ ନିତି ମୁହିଁ କରେ ପ୍ରଣତି---୬

ସଂସ୍କୃତ ଶିକ୍ଷକ
ଗ୍ରାମ:-ହଳଦିପଦା
ପୋ-କଲ୍ୟାଣପୁର ଜିଲ୍ଲା-ଖୋର୍ଦ୍ଧା

# ଗୋଟିଏ ପଦ୍ମଁଅ ବନ



ପୀତାମ୍ବର ମହାପାତ୍ର

ଘର ଛାଡ଼ି ଦୂରେ କେମିତି ପ୍ରିୟାଗୋ
ଏକାକି କାଟୁଛ ଦିନ
ଅଗଣାରେ ମୋର ନିତି ସକାଳରେ
ଦିଶେ ତମ ପାଦ ଚିହ୍ନ ।। ୦ ।।
ରାତି ଚାରିଟାରୁ ବଗିଚାରେ ମୋର
ଫୁଲ ତୋଳେ ଗୋଟେ ଝିଅ
ଫୁଲମାନେ ହସି ହସି ଦେଖୁଥାନ୍ତି
ହଳଦୀ ରଙ୍ଗ ତା ଦେହ
ତା ରୂପରେ ପ୍ରିୟା ତମକୁ ଦେଖେ ମୁଁ
ସତେକି ଦ୍ୱିତୀୟା ଜହ୍ନ ।।୧ ।।
ଦୂରେ ଥିଲେ ପ୍ରିୟା ପାଶେ ଥିଲା ପରି
ଲାଗୁଥାଅ ଅହରହ
ମନ ଆଇନାରେ ଫୁଟି ଉଠୁଥାଏ
ତମରି ଲାଜୁଆ ମୁହଁ
କେବେ ଆସି ତମେ ମୋ ଘର କରିବ
ଗୋଟିଏ ପଦ୍ମଁଅ ବନ ।। ୨ ।।

ମାୟା - ମାଳତୀ
ହନୁମନ୍ତ ବ୍ରହ୍ମପୁର
ମଧ୍ୟ ଶାସନ , ଜଗତସିଂହପୁର
ମୋ - ୯୯୩୭୬୩୧୫୪୪

# ପ୍ରଭୁ ହେ

ସୁନିତା ମହାନ୍ତି



ପ୍ରଭୁ ହେ......
ଏ ହନ୍ତ ସନ୍ତ ମନ ମୋର
କିଛି ବୁଝେ ନାହିଁ ଥରେ
ଜଟିଳରୁ ଜଟିଳ ଗଣିତ ସେ
ନେଇ ଆସେ ମୋ ଭାବନାରେ ।

ପ୍ରଭୁ ହେ......
କେତେ ଜଟିଳ ଅଙ୍କ ସେ
କଷି ସମାଧାନ କରିଛି ମୋର
ସୁଝି ପାରିବିନି ଋଣ ତୁମ
ଯାହା ଦେଇଛ ଭାଗ ଫଳ ।

ପ୍ରଭୁ ହେ.......
ଭୁଲ ଠିକ ନ୍ୟାୟ ଅନ୍ୟାୟ କୁ
ସହି ପାରେନି କାହିଁକି ସତେ
ଅପ୍ରିୟ ହୁଏ ମୁଁ ମିଥ୍ୟାଚାରୀ ପାଶେ
ମୁହେଁ ଜବାବ ଦିଏ ପ୍ରତେ ।

ପ୍ରଭୁ ହେ......
ଗୀତ ଗୋବିନ୍ଦ କୁ ସାଧନା ମଣୁଛି
ଭକ୍ତି ଶ୍ରଦ୍ଧା ଦୁଇ ବାହୁ ମୋର
ପ୍ରିତି ବାଣ୍ଟୁ ଥିବି ଦୁଃଖୀ ରଙ୍କୀ ଠାରେ
କିଛି ସାମର୍ଥ୍ୟ ଆଉ ନାହିଁ ମୋର ।

ପ୍ରଭୁ ହେ......
ଏହି ଭିକ୍ଷା ମାଗେ ଆଜି ଶ୍ରୀ ଛାମୁରେ
ତବ ଇଛା ପୂରାହେଉ ମୋ କର୍ମରେ
ଧୈର୍ଯ୍ୟ ସହିଷ୍ଣୁତା ଭରିଦିଅ ମୋ ଠାରେ
ଏହି ଭିକ୍ଷା ମୋର ତୁମ ପୟରେ ।

**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

# ପ୍ରିୟା

**ସନ୍ଧ୍ୟା ରାଣୀ ଦାଶ**

ପ୍ରିୟାକୁ ଲେଖୁଛି ଚିଠି ଉଦ୍ୟାନରୁ
ପୁଷ୍ପର ସୁରଭି ଦେଇ
କେଦାର ପତର କାଗଜ ହୋଇଛି
ଜିନିଆଁ କଲମ ହୋଇ।

ମନ୍ଦାର ଫୁଲରୁ ରଙ୍ଗ ମାଗି ଆଣି
ତିଆରି କରିଛି କାଳି
ଜିନିଆ ଫୁଲର ବୃନ୍ତକୁ ବୁଡାଇ
ଲେଖୁଛି ମୋ ଭାଷାବଳୀ।

ଶ୍ୟାମ ଦୂର୍ବାଦଳ ପ୍ରାନ୍ତରେ ବସିଛି
ହର ଗଉରାର କଢି
ସୁଗନ୍ଧଗରାଜର ବାସନା ଆସୁଛି
ଭୁଲାଇ ଦେଉଛି ମତି।

କିଏ ସେ ଅଧିକ ଧବଳତା ଆଣି
କରିଛି ବିବିଧ ଚିତ୍ର
ତରାଟ ମଲ୍ଲିକା ସୁଗନ୍ଧ ରାଜ ତ
ହୋଇ ରହିଛନ୍ତି ମିତ୍ର।

ଭିନ୍ନ ଭିନ୍ନ ରଙ୍ଗେ ନିତି ପ୍ରସ୍ଫୁଟିତ
ଭାଷା ଆସେନି ତୁଣ୍ଡକୁ
ତାଙ୍କରି ରଙ୍ଗିମା ଦେଖି ହୃଦ ଖୋଜେ
ଦିନ ରାତି ଖାଲି ତୁମକୁ।

ସହକାରୀ ଶିକ୍ଷୟତ୍ରୀ,
ଜଗତସିଂହପୁର

# ସରସ୍ୱତୀଙ୍କୁ ପ୍ରଣତି



**ଶୁଭଶ୍ରୀ ପ୍ରଧାନ**

ବିଦ୍ୟା ପ୍ରଦାୟିନୀ ଶ୍ୱେତ ପଦ୍ମାସିନୀ
ଜୟ ମାତା ସରସ୍ୱତୀ,
ଶାରଦା ବରଦା ମା ହଂସବାହିନୀ
ଘେନ ମୋ କୋଟି ପ୍ରଣତି।
ସର୍ବ ଶକ୍ତି ତୁମେ ପୁଣ୍ୟ ଦିବ୍ୟ ମୂର୍ତ୍ତି
ବେଦମାତା ବାଗେଶ୍ୱରୀ,
ଅଜ୍ଞାନକୁ ମା ମୋ ଠାରୁ ଦୂରେଇ
ଜ୍ଞାନ ଗଙ୍ଗା ଦିଅ ଭରି।
ମାଘ ମାସ ଶୁକ୍ଳ ପଞ୍ଚମୀ ତିଥିରେ
ପୂଜା ପାଅ ସବୁ ସ୍ଥାନେ,
ସଭିଏଁ ଡାକନ୍ତି ଏକ ପ୍ରାଣ ନେଇ
ତୁମକୁ ସୁମରି ମନେ।
ତୁମରି ଆଶିଷେ ଘନ ଅନ୍ଧକାର
ଦୂର ହୋଇଯାଏ ବଳେ,
ତୁମ କୃପା ପାଇ ମୂର୍ଖ କାଳିଦାସ
ମହାକବି ବୋଲାଇଲେ।
ବୁଦ୍ଧି ମୋର ଶୂନ୍ୟ ଜ୍ଞାନ ମୋର ଶୂନ୍ୟ
ଯାଇଛି ଆଜି ମୁଁ ହାରି,
ଖୋଜୁଛି ଏ ମନ ତୁମରି ପରଶ
ଦିଅ ମା କରୁଣା ଭରି।
ମହିମା ତୁମର ଅଟଇ ଅପାର
ଶ୍ୱେତାମ୍ବରୀ ସିଦ୍ଧିଦାତ୍ରୀ,
ହେ ବୀଣାବାଦିନୀ ଦିଅ ବିଦ୍ୟା ବୁଦ୍ଧି
ଦୂର ହେଉ କାଳ ରାତ୍ରୀ।

**କୋଣାର୍କ, ପୁରୀ**

# ଜୟ ହେ ଶ୍ରୀ ହରି

ସୌଦାମିନୀ ସାମନ୍ତରାୟ

ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ
ଜୟ ହେ ଶ୍ରୀ ହରି
ନୀଳଗିରିନାଥ ଆହେ ଜଗନ୍ନାଥ
ପ୍ରଭୁ ଗୋଲକବିହାରୀ ।୦।

ସତ୍ୟ ରେ ଶ୍ରୀ ହରି ତୁମେ
ତ୍ରେତୟା ରେ ଶ୍ରୀରାମ
ଦ୍ୱାପର ରେ ଶ୍ରୀ କୃଷ୍ଣ
କଳିରେ ଶ୍ରୀ ଜଗନ୍ନାଥ
ପାପୀ ମାନଙ୍କୁ ତାରିଲ
ସାଧୁ ସନ୍ଥ ଉଦ୍ଧାରିଲ
ହେ କୋଦଣ୍ଡଧାରୀ,ଜୟ ହେ ଶ୍ରୀ ହରି ।୧।

ଅହଲ୍ୟା ତାରିଲ ସୀତା ଉଦ୍ଧାରିଲ
ରାବଣ କୁ ଦେଲ ମାରି
ସତ୍ୟ ଧର୍ମ ପ୍ରକାଶିଲ ସୁଖ ଶାନ୍ତି ବିରାଜିଲ
କଂସ କୁ ବିନାଶ କରି
ହେ ପୁରୁଷୋତ୍ତମ ହେ ଚକାନୟନ
ନମୋ ନମଃ ତ୍ରିପୁରାରି
ଜୟ ହେ ଶ୍ରୀହରି ।୨।

ବରମୁଣ୍ଡା, ଭୁବନେଶ୍ୱର



# ତୁମ କଥା.......

**ଡ. ଶରତ କୁମାର ଚଉଁରୀ**

ବ୍ୟସ୍ତତା ରେ ଅବା ନିରୋଳାରେ
ଜାଗ୍ରତ ରେ ଅବା ଶୟନରେ
ପାହାନ୍ତିଆ ସୁନେଲି ସ୍ୱପ୍ନରେ
ଯେବେ ଦେଖା ଦିଏ ହେ ପ୍ରେୟସୀ
ଆଖି ଆଇନାରେ ଦେଖାଦେଇ ବାରେ
ଚାଲିଯାଅ ତୁମେ ହସି ହସି
ତୁମ କଥା ମନେ ପଡେ ବେଶି।
ମନ ପକ୍ଷୀ ଉଡିଯାଏ ଦୂର
ପାଇବାକୁ ଠିକଣା ତୁମର
ମୋ ହୃଦୟ ହୁଏ ଭାବ ଭୋଳ
ପାପ୍ତି ପାଇଁ ଅତ୍ୟନ୍ତ ବ୍ୟାକୁଳ
ଚାତକ ସମାନ ଚାହିଁ ରହେ ମନ
କେବେ ପୁଣି ଦେଖା ଦେବ ଆସି
ତୁମ କଥା ମନେ ପଡେ ବେଶି।
କି କିମିଆ ତୁମ ଚାହାଣି ରେ
ସର୍ବଦା ମୁଁ ଭାବୁଚି ମନରେ
ଯେବେ ବାଟେ ଏକା ଦେଖା ଦେଲ
ସରମରେ ଝାଉଁଳି ପଡିଲ
ପଡୁଅଛି ମନେ ପ୍ରଥମ ଦର୍ଶନେ
କଥା ହେଲେ ଦୁଇ ଆଖି ମିଶି
ତୁମ କଥା ମନେ ପଡେ ବେଶି।

ସଂ: ଶିଶୁ ଦରବାର



# ସ୍ୱପ୍ନ

**ସୂର୍ଯ୍ୟକାନ୍ତି ଦାଶ**

ହୃଦୟେ ମନ
ସ୍ଫୁରଇ ଘନ ଘନ
ଦେଖାଏ ସ୍ୱପ୍ନ
ରାତ୍ର ହେଉବା ଦିନ
ଅବଚେତନ
ନିଦ୍ରା ଆସେ ନୟନ
ପ୍ରକୃତିଦାନ
ନର ପଶୁ ସମାନ
ରହେନା ଜ୍ଞାନ
ଉଡେ ନୀଳଗଗନ
ତାରା ବିହୀନ
ଜ୍ୟୋତ୍ସ୍ନା ବିତରେ ଜହ୍ନ
ଗହନବନ
ଶୁଭଇ ପକ୍ଷୀତାନ
ରମଣୀ ରତ୍ନ
କରେ ପଶୁଙ୍କ ଯତ୍ନ
ଅସ୍ଥିରମନ
ବୁଲେ ପୁଷ୍ପକାନନ
ବରଷେ ଘନ
ହୁଏ ଜଳବିହୀନ
ବହେ ପବନ
ନୁହେଁ ସେ ବଳବାନ
ପୁଷ୍ପକ ଯାନ
ବସିଲେ ଧାବମାନ
ନିଏ ବହନ
ସ୍ୱର୍ଗେ ଇନ୍ଦ୍ରଭବନ
ନୃତ୍ୟେମଗନ
ପରୀ ଅପ୍ସରାଗଣ
ଚିତ୍ର ସମାନ
ପ୍ରଭୁଙ୍କ ଆଗମନ
ଆତ୍ମୀୟଜନ
ମୃତ୍ୟୁ ପର ସପନ
ରୂପମିଳନ
କ୍ଷଣକେ ହୁଏ ଲୀନ
ଯମଭୁବନ
ଦେଖିଲେ ଶଙ୍କାମନ
ତୁଟଇ ସ୍ୱପ୍ନ
ନିଦ୍ରା ହୋଇଲେ ଭଗ୍ନ
ମାନସ ଚିନ୍ତାମଗ୍ନ ।

ଯାଆଁଳା, ଜଟଣୀ

# କାଳେ କାଳେ ଯୁଦ୍ଧ ଲୋଡ଼ା...

ମମତା ବାରିକ



ଯୁଦ୍ଧ କରିବା ପାଇଁ
ସବୁବେଳେ ଲୋଡାପଡେନି
ଭାଲ କି ଢାଲ
ଶତ୍ରୁପକ୍ଷର ରଣହୁଙ୍କାର କି
ତାର ଦର୍ପିତ ଔଦ୍ଧତ୍ୟ
ଗୋଟେ ନୀରିହପଣରେ
ସମୟ ସହ ସନ୍ଧି କଲାବେଳକୁ
ଯମୁନା ତଟ ପାଲଟି ସାରିଥାଏ କୁରୁକ୍ଷେତ୍ର
ମଧୁର ବଂଶୀସ୍ୱନରୁ ବାହାରୁଥାଏ
ପାଞ୍ଚଜନ୍ୟର ତୂର୍ଯ୍ୟନାଦ ।

ଦ୍ରୋହ ରଚିବାକୁ ପଡେ
ହସ୍ତିନାପୁର ସିଂହାସନ ପାଇଁ ନୁହେଁ
ଯେତେବେଳେ ଭାଗ୍ୟାକାଶରୁ
ଉଭାନ ହେଇଯାଏ ସୂଚ୍ୟଗ୍ରେ ମେଦିନୀ
ଧୃତରାଷ୍ଟ୍ରର ପୁରୁଷାର୍ଥ ମୁହଁ ଲୁଚାଏ
କ୍ଲୀବତ୍ୱର ଖୋଳପାରେ
ଏକ ମୌନୀ ସମର୍ପଣରେ
ପରିଭ୍ରଷ୍ଟ ହୁଏ ସମୟ।

ଅରଣ୍ୟେ ଅଜଗର ପ୍ରାୟେ
ସବୁ ସହିଯାଏ ଦେହ
ଅଦୃଶ୍ୟର ତୀକ୍ଷ୍ଣ ନାରାଚରେ
ଶରାହତ ହୁଏ ହୃଦୟ
ଯେତେବେଳେ ଏକ ସ୍ୱପ୍ନିଳ ରାତି
ଭେଟୁଥାଏ ବାରବାର
ଏକ ମୁମୁର୍ଷ ସକାଳ
ମାୟା ମୃଗ ପାଲଟିଯାଏ ଅସୁର ମାରୀଚ।

ଏକ ସଂକ୍ରମିତ କାଳରେ
ଜନ୍ମ ନିଏ ଯୁଦ୍ଧ
ବଳିପଡ଼େ ଅନେକ ନୀରିହ ବିଶ୍ୱାସ
ନୀରବି ଯାଇଥିବା ଶବ୍ଦମାନେ
କିଇଁ ଉଠନ୍ତି
ଏକ ପକ୍ଷୋଦଗମ ସକାଳ
ପୁଣି ସ୍ୱପ୍ନ ଦେଖେ।

ଭି.ଏ.୨୨/୧, ୟୁନିଟ୍-୨, ଭୁବନେଶ୍ୱର
ମୋ : ୯୪୩୭୨୭୧୩୩୩

# ଖୋଲ ନାହିଁ ଇତିହାସ



**ସୁରଞ୍ଜନ ପାତ୍ର**

ଗଡ଼ି ଯାଇଥିବା ବୟସର ଆଉ
ଖୋଲ ନାହିଁ ଇତିହାସ
ଜିଇଁ ରହିବାର ବଳକା ଆୟୁଷେ
ଭର ନାହିଁ ଅବଶୋଷ ।।

ଝରି ପଡ଼ିଲାଣି ଜୀବନ ଶାଖାରୁ
ବହଳ ପତର ଯେତେ
ଅନେକ ଯାତନା କଲବଲ କରେ
ସପନର ପୋଡ଼ା କ୍ଷେତେ।

ରୂପହୀନ ଲାଗେ ଆଜି ଏ ସକାଳେ
ଫୁଲମୟ ମଧୁମାସ
ଗଡ଼ି ଯାଇଥିବା ବୟସର ଆଉ
ଖୋଲ ନାହିଁ ଇତିହାସ।।

ବେଳ ରତରତ ଆଗେ ବଢ଼ି ନଇ
ବତାସ ବି ଛାଡ଼େ ରଡ଼ି
କାତ ପାଉ ନାହିଁ ଲାଗୁଛି ଯେମିତି
ନାବ ଯିବ ଏବେ ବୁଡ଼ି।

ସେ ପାଖରେ ପୁଣି ଫୁଲେଇ ମଶାଣି
ହସିଲାଣି ଶେଷ ହସ
ଗଡ଼ିଯାଇଥିବା ବୟସର ଆଉ
ଖୋଲ ନାହିଁ ଇତିହାସ।।

ସଂପାଦକ,
ନୀହାରକନ୍ୟା ସାହିତ୍ୟ ସଂସଦ,
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର
ବାଲେଶ୍ୱର - ୭୫୬୦୪୫
ମୋ - ୮୧୧୭୮୦୫୯୫୯

# ବାପା



ଗୋପୀନାଥ ସେଠୀ

ବାରମାସକୁ ତେର ପରବ
ଛଅ ଛ'ଟା ଛୁଆଙ୍କ ପାଇଁ ନୂଆ !
ହଳେ ପ୍ୟାଣ୍ଟସାର୍ଟରେ
ବର୍ଷ ବର୍ଷ ବିତାଉଥିବା
ମଣିଷ ଜଣକ ମୋ' ବାପା !!

ବିର୍ଲା ସର୍ଜିକାଲ ନର୍ସିଂ ହୋମ୍, କଲିକତା
ମୋର ବ୍ରେନ୍ ଅପରେସନ୍ !
କନସେଣ୍ଟ ଫର୍ମରେ ଦସ୍ତଖତ କରି
ଓଟି ଲାଇଟ୍ ଗ୍ରୀନ୍ ହେବାଯାଏ କାନ୍ଦୁଥିବା
ମଣିଷ ଜଣକ ମୋ' ବାପା !!

ମେଟ୍ରିକ୍-ରେ ଫାଷ୍ଟ ଡିଭିଜନ
ଆମ ସାହିରୁ ମୁଁ ପ୍ରଥମ ବୋଧହୁଏ !
ବନ୍ଧୁ, ପରିଜନ ସମସ୍ତେ ଖୁସି
ଦାଣ୍ଡ ପିଣ୍ଡାରେ ଛାତି ଫୁଲେଇ ଠିଆ ହୋଇଥିବା
ମଣିଷ ଜଣକ ମୋ' ବାପା !!

ଭାରତୀୟ ନୌସେନାରେ
ଯୋଗଦେବା ପାଇଁ ମୁଁ ମନୋନୀତ !
ଆଇ. ଏନ୍. ଏସ୍ ଚିଲିକା ଗେଟ୍ ବାହାରୁ
ଲୁହ ପୋଛି ହାତ ଉଠାଇ ସାଲିୟୁଟ କରୁଥିବା
ମଣିଷ ଜଣକ ମୋ' ବାପା !!

ପୁଅ ଫେରିଛି ମୁମ୍ବାଇରୁ
ସମସ୍ତଙ୍କ ପାଇଁ କିଛି ନା କିଛି ଆଣିଛି !
ଲୁନା ଗାଡିଟେ କିଣିଦେବା ପାଇଁ ଜିଦି କରୁଛି
ସାଇକେଲ୍-କୁ ଚାହିଁ ହସି ହସି ମନାକରୁଥିବା
ମଣିଷ ଜଣକ ମୋ' ବାପା !!

ମେଳା, ମହୋତ୍ସବ, ସାଂସ୍କୃତିକ ମଞ୍ଚ
ମୁଁ ସଂଯୋଜକ ଆଉ ସେ ଶ୍ରୋତା !
ତାଙ୍କଠୁ ଶିଖି, ତାଙ୍କୁ ଶୁଣାଉଥିବା କଥା କେଇପଦରେ
ଭିଡ ଭିତରୁ ଖୁବ୍ ଜୋରରେ ତାଳିମାରୁଥିବା
ମଣିଷ ଜଣକ ମୋ' ବାପା !!

ବେକରେ ତୁଳସୀ, ମଥାରେ ଚନ୍ଦନ
ଅଶି-ରେ ବି ଅଭିନୟର ବାଦଶାହ !
ବୟସର ଅପରାହ୍ନରେ ଛାତିରେ ଛାତିଏ କୋହ ଚାପି
ମିଛରେ ମୁରୁକି ମୁରୁକି ହସୁଥିବା
ଏ କଳା ମଣିଷ ଜଣକ ମୋ' ବାପା !!

ତୁମର ସବୁ ଦିନକୁ ଆମ ନାଁରେ
କରିସାରିଲା ପରେ ଆଜି ତୁମ ପାଇଁ ଦିନଟିଏ।
ମଥାନତ ପ୍ରଣାମ ବାପା।

**କୃଷ୍ଣଚୂଡା ସାହିତ୍ୟ ସଂସଦ,**
**ବାଘମାରୀ, ଖୋର୍ଦ୍ଧା**
ମୋ : ୭୦୦୮୮୧୦୮୨୬

# ଦାଦନ

ବିପ୍ଳବ ରାଉତ



ମୋତେ ମାଲିକ ଛାଡିଦେଲା
ନା ମୁଁ ମାଲିକକୁ
ଏ ହିସାବ ମୋତେ ଜଣାନାହିଁ
ମୁଁ ତ ବେହିସାବୀ ଚିରକାଳ
ସେଇଥି ପାଇଁ
ଯୋଜନା ପରେ ଯୋଜନା କରେ ସରକାର
ଆଉ ମୁଠାଏ ଦାନା ପାଇଁ
ମୁଁ ସକାଳୁ ସଞ୍ଜ ଝାଳନାଳ ।
ରାସନ କାର୍ଡ, ଜବ କାର୍ଡ
ହାତେଇବା କଳା
ଜଣାନାହିଁ ବୋଲି
ଆଜି ମୁଁ ସର୍ବହରା ଦାଦନ
ଆଉ ଭୋକ କରୁଛି ମୋତେ ଉପହାସ
ନହେଲେ କ'ଣ ମୁଁ
ଅଟକେଇ ନଥାନ୍ତି
ଅଟକିବା ଆଗରୁ ମୋ କଅଁଳ ଛୁଆର
ନିଶ୍ୱାସ !
ମୋତେ ଚାଲିବାକୁ ହେବ
ଆଗକୁ ଆହୁରି ଆଗକୁ
ଏଇ ଫଟା ଆଉ ଫୁଲା ପାଦରେ
ସମୟ ସହ ସାଲିସ୍ କରି
ଭିଟା ମାଟିରୁ ଦାଦନ ତ
କେବେ ଦାଦନରୁ ଭିଟାମାଟି
କରିବାକୁ ହେବ କସରତ ।
ଏ ନିୟତି ନିଷ୍ଠୁର
ନା ମୁଁ ହତଭାଗା ଚିରକାଳ
ଭାବିବାକୁ ବେଳ ନାହିଁ
ଏ ସମୟ ଚାଲିଯିବ
ପୁଣି ପତ୍ରେଇବ ଥୁଣ୍ଟା ଡାଳ
କେହି ଜଣେ ଦିଏ କହି ।

◆◆◆

ମୁକୁନ୍ଦପୁର, ବାଙ୍କୀ, କଟକ
ମୋ : ୯୪୩୭୪୬୮୦୧୬



# ଛଳନା

**ନିଶିକାନ୍ତ କହଲସିଂହ**

ଶାନ୍ତି ମାଲୁଣୀର ଅଣ୍ଟା ନଇଁଲାଣି
ମନ୍ଦିରକୁ ଫୁଲ ଦେଇ ଦିହକ ଗଲାଣି,
ହେଲେ, ଫୁଲ ଦେଇ ଲାଭ କ'ଣ
ଯଦି ଇକୋନୋମିକାଲ୍ ଷ୍ଟାଟସ୍ ମିଳେନି
ବୋଲି.....ଯୁକ୍ତି ବାଢେ ତା' ଝିଅ କଲ୍ୟାଣୀ,
ତେଣୁ , ଠାକୁରଙ୍କ ସେବା ଛାଡ଼ି
ଦେହଜୀବୀ ମାନଙ୍କୁ ସରକାରୀ
ଅନୁଦାନ ମିଳୁ ବୋଲି......
ଲୋୟର୍ ପି.ଏମ୍.ଜି ଠାରେ
ରାଲି କରି ସ୍ଲୋଗାନ୍ ଦେଲାଣି ।।

ଗାଆଁର ଧାର୍ମିକ ପୁରୁଷ
ରଘୁ ଦାଶଙ୍କ ସାନଭାଇ ଯଦୁ ଦାଶ
ମହାମନ୍ତ୍ର ବଦଳରେ ସକାଳୁ ସକାଳୁ
ମାଇକ୍ ଆଗରେ ବସି କବାଲି ଗାଉଛି,
ପୁରୋହିତ ରାଧୁ ମିଶ୍ରଙ୍କ ପୁତୁରା
ମୋବାଇଲ୍ ଫୋନରେ .......
ଠାକୁର ମନ୍ତ୍ର ଲଗାଇ.........
ମନ୍ଦିରରେ ଠାକୁର ପୂଜୁଛି ।।

ଗାଁ ସ୍କୁଲ୍ ଚପରାଶି ଶଙ୍କରା ବିଶୋଇ
ହେଡ୍ ସାରଙ୍କୁ ହାତଯୋଡି କହେ
ବାବୁ ! ମୋ' ପରେ ମୋ'ପୁଅକୁ
ଚାକିରିରେ ରଖିଦେଲେ
ବଞ୍ଚିଯାନ୍ତା ଭଲା.........
ହେଲେ, ଜିନ୍ ପିନ୍ଧା ଭରତ ଭାଷେ
ପରୀକ୍ଷା ପାଖେଇଲାଣି
ଏତେ ବ୍ୟସ୍ତ ପଢିହେଉନାହିଁ.....
ଏମିତି ବି ସମୟ ମିଳେନି
ପକେଟ୍ ଡାଏରିରେ
ସଚିନ୍ ଆଉ ରୋହିତଙ୍କ ରେକର୍ଡ୍ ଟିପିବାକୁ
ଧାଉଁଥିଲି ଚପରାଶି କାମ କରିବାକୁ ।।

ଗାଁ ପୋଷ୍ଟମାଷ୍ଟରର ଝିଅ ମାମିନା
ପ୍ଲସ୍ ଟୁ ଫେଲ୍ ହେବା ପରେ
ପାଠରେ ତା' ଡୋରି ବାନ୍ଧିଅଛି......
ଆଲବମ୍ ରେ ନାଚିବାକୁ
ମୁହଁରେ ବେସନ ମାଖି ଫେସନ କରୁଛି,
କେତେ କାହା ବାଇକରେ
ସଞ୍ଜ ହେଲେ କୁଆଡେ ଯାଉଛି.....
ବାପା କହେ ଝିଅ ମୋ'ର
ନୂଆ ଗୋଟେ ଚାକିରି କରିଛି ।।

ଏଇ ଆମ ଜୀବନ
ଯହିଁ ଛଳନାର ମହାଦ୍ରୁମ
ବଢିବଢି ଉପରକୁ ଉଠେ.......,
ଆଧୁନିକତାର ମନ୍ଦ ମଳୟ ବହିଲେ
ଧୀରେଧୀରେ...........
ଛଳନାର ମୁକ୍ତାଫୁଲ ଫୁଟେ ।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା
ମୋ : ୯୯୩୭୯୫୩୫୨୬

# ପଞ୍ଚାୟତ ନିର୍ବାଚନ

ଯମେଶ୍ୱର କହଲସିଂହ



ଜାରିହେଲା ବିଜ୍ଞାପନ
ପ୍ରତିକ୍ଷାର ହେଲା ଅବସାନ
ଶିଳାନ୍ୟାସ, ଉନ୍ମୋଚନ, ଉଦଘାଟନ-
ପର୍ବ ସରିଗଲା
ନୂଆବର୍ଷେ ପଞ୍ଚାୟତ ନିର୍ବାଚନ
ବିଗୁଲ୍ ବାଜିଲା ।।

ନିର୍ବାଚନ ରଣାଙ୍ଗନେ
ପ୍ରାର୍ଥୀ ମାଳମାଳ
ଏ ଡାଳରୁ ସେ ଡାଳକୁ
ଏ ଦଳରୁ ସେ ଦଳକୁ
ଡିଆଁଡେଇଁ ବେଳ
ସ୍ୱାର୍ଥପାଇଁ ସଭିଏଁ ପାଗଳ ।।

ଜନସେବା ଯା'ପାଇଁ ସପନ
ୱାର୍ଡ ଦେଇ ୱାର୍ଡ ରଖିପାରେନା ଯେ ଜନ
ୱାର୍ଡ ମେମ୍ବର୍ ହେବାପାଇଁ
ଉଡୁଛି ତା' ମନ ।।

କଥାରେ ପକାଏ ସର
ଜାଣି ପାରେନା ସେ
କିଏ ପର କିଏ ଆପଣାର
ସବୁ ପେଞ୍ଚ ପାଞ୍ଚୁଥିବା ବ୍ୟକ୍ତି
ସରପଞ୍ଚ ପଦ ପାଇଁ ଡହଳ ବିକଳ ।।

"ଓଡ଼ିଶାରେ କେତେ ଜିଲ୍ଲା"
ଯା' ପାଖରେ ଏ ଉତ୍ତର ନାହିଁ
ମିଥ୍ୟା ପ୍ରତିଶ୍ରୁତି ଦେଇ
ସିଏ ଜିଲ୍ଲା ପରିଷଦ ଚଉକି ଆଶାୟୀ ।।

ଟଙ୍କା, ଟୋକା, ବୋକା ସାଙ୍ଗେ ଧରି
ନିର୍ବାଚନ ଆଚରଣ ଉଲଙ୍ଘନ କରି
ନେବା ଦେବା ମନ୍ତ୍ରକୁ ଉଚ୍ଚାରି
ଏମିତିକା ଯେତେସବୁ ଭୋଟ୍ ପାଗଳ,
ଜାଣି ପାରନ୍ତିନି ଜମା
କିଏ ଜଳ କିଏ ବା ଅନଳ-
ଭୋଟରଙ୍କୁ ନିବେଦନ
ଏମାନଙ୍କୁ ପ୍ରତ୍ୟାଖ୍ୟାନ କର ।।

ଲୋକିପୁର, ଗଡ଼ମାଣତୀର, ଖୋର୍ଦ୍ଧା
ମୋ : ୯୯୩୭୯୫୩୫୨୬

# ଶୀତ

ସମରଜିତ ପଟ୍ଟନାୟକ



ଆଗୋ ଶୀତ !
ମତେ ଟିକେ କମ୍ପନ ଦିଅ,
ପତ୍ରଝରା ମନ ମୋର -
ବୟସର ବିଷରେ ବତୁରି ,
ପୌଷରେ ଶେଷ ପତ୍ରପରି
ଯନ୍ତ୍ରଣାରେ ଛଟପଟ ହୁଏ ,
ମତେ ଟିକେ ଆଶ୍ଲେଷ ଦିଅ ,
ମୋ କାନରେ ବସନ୍ତର ନାନାବାୟା ଗାଇ ,
ମୋ ' ଆଖିରେ କୁହୁଡିର କଜ୍ଜ୍ୱଳ ଦେଇ,
ବହୁଦିନୁ ଶୋଇନି ମୁଁ -
ମୋତେ ଟିକେ ଶୁଆଇ ପକାଅ ||

ଖୋରଧା

# ମହକ

ଡ. ପ୍ରମୋଦ ଚନ୍ଦ୍ର ଦାଶ



ସୁଗନ୍ଧ ଭରା ଫୁଲ ମହକ ଦିଏ,
ସଦଗୁଣ ଥିବା ମଣିଷ ପ୍ରଶଂସା ପାଏ ।

ଭିକ୍ଷାରେ ମିଳେନା ପ୍ରଶଂସା ଅନୁମୋଦନ
ନିଜ ପ୍ରଶଂସାରେ ମିଳେନା ଆତ୍ମସମ୍ମାନ ।

ପ୍ରତିଷ୍ଠାତା - ଆମରି ସତ୍ୟ

# ଚିର ବନ୍ଦନୀୟା ମାଆ

ସ୍ୱପ୍ନାରାଣୀ ପାଣିଗ୍ରାହୀ



କାନନ କୁନ୍ତଳା ପ୍ରକୃତି ମେଖଳା
ପଲ୍ଲୀମାଳିନୀ ଭାରତ ।
ଆର୍ଯ୍ୟଭୂମି ଏହି ଦେବଭୂମି କୋଳ
ବେଦଧ୍ୱନିରେ ପବିତ୍ର ।।

ଐଶ୍ୱର୍ଯ୍ୟମୟୀ ଶୌର୍ଯ୍ୟମୟୀ ମାଆ
ସଂସ୍କୃତି ତା' ସୁମହାନ ।
ମୂଳଦୁଆ ତା'ର ଆଧ୍ୟାତ୍ମିକବାଦ
ତତ୍ତ୍ୱଦର୍ଶୀ ତା' ସନ୍ତାନ ।।

ଧର୍ମ ନିରପେକ୍ଷ, ଗଣତନ୍ତ୍ର ରାଷ୍ଟ୍ର
ସତ୍ୟ, ଅହିଂସା ତା' ଅସ୍ତ୍ର ।
ତା' ପ୍ରଯୁକ୍ତିବିଦ୍ୟା ତା' କଳା ସ୍ଥାପତ୍ୟ
ଶ୍ରେଷ୍ଠ ତା' ପୁରାଣଶାସ୍ତ୍ର ।।

"ସର୍ବେ ଭବନ୍ତୁ ସୁଖିନଃ" ମନ୍ତ୍ର
ଗୁଞ୍ଜରିତ କୋଣେ କୋଣେ ।
"ବସୁଧୈବ କୁଟୁମ୍ବକମ୍" ଆଶୀର୍ବାଣୀ
ସଞ୍ଚରିତ ପ୍ରାଣେ ପ୍ରାଣେ ।।

ହିମାଳୟ ଠାରୁ କୁମାରିକା ଯାଏଁ
ବହେ ସ୍ନେହ, ପ୍ରେମ ବାଆ ।
ମହାମାନବଙ୍କ ମହାନ ଆଦର୍ଶେ
ଚିର ବନ୍ଦନୀୟା ମାଆ ।।

ଖୋର୍ଦ୍ଧା

# ମୋ ଦେଶ ମହାନ୍

ଅଶ୍ୱିନୀ କୁମାର ତ୍ରିପାଠୀ



ମୋ ଦେଶ ଭାରତ ବିଶ୍ୱରେ ବିଖ୍ୟାତ
ବହେ ଗଙ୍ଗା ଗୋଦାବରୀ
ହିମାଳୟ ଯାର ଅଟଇ ସୁନ୍ଦର
ସୁଦୀର୍ଘ କନ୍ୟାକୁମାରୀ
ଜନମି ଥିଲେ ଯେ କେତେ ବୀର ଏଠି
ଦେଶ ପାଇଁ ବଳିଦାନ
ହଟାଇ ଇଂରେଜ ଆଣିଲେ ସ୍ୱରାଜ
ଏଇ ମାଟିର ସନ୍ତାନ
ତ୍ରିରଙ୍ଗା ଉଡ଼ିଲା ସ୍ୱାଧୀନ ହୋଇଲା
ଏଇ ମୋ ଜନମ ମାଟି
ମୋ ଦେଶ ମହାନ୍ ଭାରତର ଜନ
ଆହା କି ସୁନ୍ଦର ଭେଟି
ଦେଶାତ୍ମବୋଧକ ଜାତୀୟ ସଙ୍ଗୀତ
ବନ୍ଦେ ଉତ୍କଳ ଜନନୀ
ସ୍ୱାଧୀନ ଭାରତ ରଖିଲା ମହତ
ଭାଇ ଚାରା ଦେଲା ପୁଣି
ଆଜିର ସ୍ଲୋଗାନ୍ ଶତ୍ରୁକୁ ଦମନ
ରଖିବା ଦେଶର ଟେକ
ଶପଥ ନେବାରେ ଏଇ ମାଟି ପାଇଁ
ଆସିଛି ସ୍ୱାଧୀନ ଦେଖ

ମୋ - ୭୯୭୮୬୦୭୯୭୪

# ଜୀବନ ଯନ୍ତ୍ରଣା

ଶ୍ୱେତ କୁମାର ବେହେରା



ଜାଣିଛ କି ଜୀବନ ଯନ୍ତ୍ରଣା ତା'ର କେବେ ଅବା ଥରେ
ଦାଦନରୁ ଫେରିଥିଲା ଯିଏ ଏଇ କିଛି ଦିନତଳେ?
ଭାବିଛ କି ସ୍ଥିତି ଅବସ୍ଥିତି ତା'ର ଭୋକ-ଭୂଗୋଳରେ
ଭିଟାମାଟି ଛାଡିଥିଲା ଯିଏ ପୁଣି ପେଟ ବିକଳରେ?

ଫେରୁଥିଲା ଯେଉଁଦିନ ଗାଆଁକୁ ତା' ନେଇ ନୂଆ ମନ
ଆଖିରେ ଝଲସୁଥିଲା ମାଳମାଳ ସୁନେଲି ସପନ
ଅସରା ଆନନ୍ଦ ଥିଲା ମାଟିମାଆ ମମତା ମୋହରେ
ଓଦା ହେଉଥିଲା ଆଖି କ୍ଷଣେ କ୍ଷଣେ ଖୁସିର ଲୁହରେ ।

ଭାଙ୍ଗିଗଲା ଭାବନା ତା' ସତେ ଅବା ନୟନ ପଲକେ
ବୁଝେ ତା'ର "ସ୍ୱପ୍ନପୁରୀ" ଦୂର ସେଇ କରମ ମୂଳକେ
ଭାବନା ତା' ମୂଲ୍ୟହୀନ ବାସ୍ତବତା କଳ୍ପନାଠୁଁ ଦୂରେ
ବାକ୍ୟସବୁ ପ୍ରବଚନ ହୁଏ ଯେବେ କଥାରେ କଥାରେ ।

ବାରମ୍ବାର ସ୍ୱପ୍ନ ଭାଙ୍ଗେ, ବାରମ୍ବାର ଭାବନା ତା' ମରେ
କାହିଁକି ସେ ଫେରିଥିଲା କି ଆଶାରେ କେଉଁ ଭରସାରେ ?

ରାଉରକେଲା
ମୋ-୯୪୩୯୨୦୫୫୭୦

# ମିଛକୁ ସତ

ରମେଶ ଚନ୍ଦ୍ର ମିଶ୍ର



ଶନିବାର ଦିନ ବାଆଷଠି ବର୍ଷ
ବୁଢା ମୁହିଁ ଦେଖାଯାଏ
ରବିବାର ଦିନ ବୟସ ମୋ ଖସେ
ବାଉନ ବରଷ ହୁଏ । ୧

ବୁଧବାର ଦିନ ଅଦ୍ଭୂତ ଦିଶେ
ଅଧେ ଧଳା ଅଧେ କଳା
ଶନିବାର ଯାଏ ବଢଇ ବୟସ
ଏମିତି ଚାଲଇ ପାଲା । ୨

ବୟସ ଲୁଚାଇ ଚାଲିବାର କାମ
ନିତି ନିତି ଚାଲୁଥିଲା
ଏତେ ଝାମେଲାରେ ପଶିବାକୁ ମନ
ଶେଷରେ ବିରକ୍ତ ହେଲା । ୩

ଛାଡିଲି ସେ କାମ ଦିନେ ବନ୍ଧୁ ମେଳେ
ଭୋଜି କରିବାକୁ ଗଲି
ସାଙ୍ଗ ସାଥିମାନେ କହିଲେ ଦରିଦ୍ର
କୁଆଡୁ ଆସିଲା ଚାଲି । ୪

ରଙ୍ଗ ଟିକେ ତୋତେ ମିଳୁନାହିଁ କିରେ
ଦିଶୁଛୁ ବାବନା ଭୂତ
ସେଇଦିନ ଠାରୁ ବୟସ ଲୁଚାଏ
ମିଛକୁ କରଇ ସତ ।।୫

ଯୋଉ ରବିବାର ରଙ୍ଗ କରିବାରେ
ହେଳା କରିଦିଏ ମୁହିଁ
ନିଶ କଳା ହେଲେ ଦାଢି ଧଳା ହୁଏ
ଅତି ବିଚିତ୍ର ଦିଶଇ । ୬

ମାସକରେ ଥରେ ମୁଣ୍ଡେ ରଙ୍ଗ ବୋଳେ
କେଶ ହୁଏ ଗାଢ କଳା
କୋଉ କାରଣରୁ ମାରିନପାରିଲେ
ଚମକେ ତମ୍ବା କହରା ।।୭

ନାତି କହେ ତୁମେ ଏତେ ବେଗି ବୁଢା
ହୁଅନାହିଁ ଜମା ଜେଜେ
ବୋଲିଦିଅ ରଙ୍ଗ ଦେଖୁନ ଦର୍ପଣ
ଦିଶୁଚ କେମିତି ବାଜେ । ୮

ନାତିକୁ ବୁଝାଇ କହେ ମୁହିଁ ଯେବେ
କେତେଦିନ ଠକୁଥିବି
ସତକୁ ମିଛର ପରଦା ପକାଇ
ଦୁନିଆ ଭୁଲାଉଥିବି । ୯

ନାତି କହେ ପରା ଆଜିର ଦୁନିଆ
ଭାନୁମତି ପେଡି ଖେଳ
ଯେମିତି ଚାଲିଛି ଆଜିର ଦୁନିଆ
ସେଇ ବାଟେ ବାଟେ ଚଳ । ୧୦

ତାପସ କୁଟୀର, ବଇଣ୍ଡା, ଅନୁଗୋଳ
ମୋ- ୯୪୩୮୪୮୧୧୩୬

# କୈଶୋର ଶିକ୍ଷା

ଲକ୍ଷ୍ମୀଧର ବେହେରା



ଜନଶିକ୍ଷା ଭଳି "କୈଶୋର ଶିକ୍ଷା"ଟି
ଆଜି ନିଶ୍ଚେ ପ୍ରୟୋଜନ
କିଶୋର, କିଶୋରୀ ହେଲେ ସଚେତନ
ବଢ଼ିବ ଦେଶର ମାନ।
ବାଲ୍ୟ ଚପଳତା ସରୁ ନ ସରୁଣୁ
ଯାଏ ଯେବେ ବାଲ୍ୟକାଳ
ଧୀରେ ପାଦ ଥାପେ ବାସ୍ତବ ବସନ୍ତ
ଜୀବନେ କୈଶୋର ବେଳ।
ଅତି ମୂଲ୍ୟବାନ ଏଇ ସମୟଟି
ଅତୀବ ଗୁରୁତ୍ୱପୂର୍ଣ୍ଣ
ସୁନେଲି ସପନ ସତ ହୋଇଥାଏ
ଦେଲେ ନିଶ୍ଚେ ମନଧ୍ୟାନ।
ନବୀନ ତରୁଣ ଅତୁଲ୍ୟ ଶକ୍ତିରେ
ଆଗକୁ ଆଗକୁ ବଢେ
ଅଦମ୍ୟ ପ୍ରୟାସେ ଅସୀମ ସାହସେ
ସୁନ୍ଦର ଜୀବନ ଗଢେ।
ସୁନେଲି ସପନ ଦେଖୁ ଦେଖୁ ପୁଣି
ହେଲେ କେବେ କକ୍ଷଚ୍ୟୁତ
ଜୀଇ ଥାଉଁ ଥାଉଁ ନରକକୁ ଯିବା
ହୋଇଯାଏ ସୁନିଶ୍ଚିତ।
ଜୀବନ ବସନ୍ତ ପ୍ରଥମ ସୋପାନେ
ଚଞ୍ଚଳ ହିଁ ଥାଏ ମତି
ଅବାଟରେ ଥରେ ଗୋଡ ଖସିଗଲେ
ନିମ୍ନମୁଖୀ ହୁଏ ଗତି ।

ସାରା ଜୀବନଟା ହନ୍ତସନ୍ତ ସାର
ସଂଯମତା ବିହୁନରେ
ଏଚ୍.ଆଇଭି, ଏଡସ ମରଣ ଜନ୍ତାରେ
ବିତିଯାଏ ଅନ୍ଧକାରେ।
ଆସ ସୁଧୀଜନେ କୈଶୋର ଶିକ୍ଷାରେ
କରାଇବା ସଚେତନ
କିଶୋର, କିଶୋରୀ ଗଢିବେ ଜୀବନ
ଚରିତ୍ରରେ ଦେଇ ଧ୍ୟାନ।
ଆଚାରେ ବେଭାରେ ସଂଯମତା ଆଣି
ଟାଣିବେ ସଂସାର ରଥ
ସରଳ ଜୀବନ ହୋଇବ ସୁନ୍ଦର
ହୋଇ ସ୍ଥିର ସନ୍ତୁଳିତ।
ଏଇ ଯୁବଶକ୍ତି ଏ' ଦେଶ ସମ୍ପତ୍ତି
ଏ' ଦେଶ ଅମୂଲ୍ୟ ଧନ
ଆଗେ ଆଗେ ବଢି ଆଣିବେ ପ୍ରଗତି
ବଢାଇ ଜୀବନ ମାନ।
କଞ୍ଚା ବୟସରୁ ସେମାନଙ୍କୁ ଗଢି
ଭରିଦେବା ଦେଶପ୍ରୀତି
ତରୁଣ-ବିଭବ କଣ୍ଠରେ ସମ୍ଭବ
ବିଶ୍ୱ ବିଜୟୀ ଗୀତି।

**ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଅଧିକାରୀ, ନୟାଗଡ**
**ମୋ-୯୯୩୭୦୯୩୪୯୦**

# ବୋଉ



ନଳିନୀ ପ୍ରଭା ଦାସ

ତୋ ପାଇଁ ଦେଖିଲି ଦୁନିଆ ମୁଁ ଦିନେ
ଚାଲିଲି ତୋ ହାତ ଧରି
ତୋ ଓଠରୁ କଥା କହି ମୁଁ ଶିଖିଲି
କାହିଁ ଗଲୁ ଛାଡି ଚାଲି
ବୋଉ, ତୋ କଥା ମନେପଡ଼େ ଆଜି ଭାରି ।୧।

ଦରୋଟି ଓଠରେ ହସ ମୁଁ ଶିଖିଲି
ତୋ ଓଠର ହସ ଦେଖି
ଥିରିଥିରି ପାଦ ସଳଖି ଚାଲିଲି
ତୋ ପାଦରେ ପାଦ ରଖି
ବୋଉ, ତୋ କଥା ମନେପଡ଼େ ଭାରି ଆଜି ।୨।

ତୋ ଡାକରେ ଥିଲା  କେତେ ମଧୁରତା
କେତେ ସ୍ନେହ ଥିଲା  ଭରି
ଶୁଭୁନି ସେ ଡାକ ଆଜି ତ ବୋଉ ଲୋ
ହଜିତ ଯାଇଛି କାଲି
ବୋଉ, ତୋ କଥା ମନେ ହୁଏ ଆଜି ଭାରି ।୩।

ବୋଉ ବୋଉ ଡାକ ହଜି ମୋର ଗଲା
ସ୍ନେହ ପଣତଟା ଗଲା ଲୁଚି
ଖାଇ ସାରି ମୁହଁ  ନୟନ ଲୋତକ
କା ପଣତେ ମୁଁ ଦେବି ପୋଛି
ବୋଉ, କହିଦେ ଥରେ ତୁ ଆସି ।୪।

ନୀରବି ଯାଇଛି ଏ ଅଗଣା ଆଜି
ଯେଉଁ ଅଗଣାକୁ ଥିଲୁ ଆସି
ଶୂନଶାନ୍ ଲାଗେ ପରିବେଶ ଆଜି
ଅଛି ଖାଲି ତୋର ସ୍ମୃତି
ବୋଉ, ତୋ ମମତା ତୋତେ ଖୋଜୁଛି ।୫।

ମୋ କୋଳରେ ତୁହି ଶୋଇଗଲୁ କାହିଁ
ଚିରନିଦ୍ରା ଆଖି ମୁଦି
ଅପେକ୍ଷା କି ସତେ କରିଥିଲୁ ବୋଉ
ମୋ ବାଟକୁ ନିଦ୍ରା ତେଜି
ବୋଉ, ତୋ କଥା ମନେପଡ଼େ ଭାରି ଆଜି ।୬।

ଚଉଁରା ମୂଳରେ ସଞ୍ଜବତୀ ଆଉ
ତୋ ପାଇଁ ଲୋ ଜଳୁନାହିଁ
ସଭିଙ୍କର ପାଇଁ ସ୍ମୃତି ହୋଇଗଲୁ
ହୃଦୟ କୋଣରେ ରହି
ବୋଉ, ମନେପଡୁ ଭାରି ତୁହି ।୭।

କଳାହାଣ୍ଡି



# ଜୀବନଟା ଊର୍ମି ମାଳ

ନିଧି ସାହୁ

ଜୀବନଟା ଘନ ଘନ ଊର୍ମି ମାଳ
ହୃଦୟେ ସାଗରେ ତା ଘର
ଆଶାର ତରଙ୍ଗେ ତରଙ୍ଗାୟିତ
ବୁକୁରେ ଅହରହ ଲହର ।

ଛୁଇଁ ଯାଏ ବେଳାଭୂମି ଝୁମି ଝୁମି
ତଥାପି ମନ ଅବୁଝା ହୁଏ
ମଥାପିଟି କାନ୍ଦେ ନିତି ବାଲିଘର
ହସି ବସି ଲୁହ ପିଇଯାଏ।

ଆନନ୍ଦେ ଚୁମୁଥାଏ ବେଳାଭୂମିକୁ
ଏକା ଏକା ବିଜନ ବେଳାରେ
ଜୋଛନା ଭିଜା ରାତି ପିୟାସୀ ପ୍ରେମିକା
ହଜୁଥାଏ ଉତ୍ତାଳ ସାଗରେ।

ଭାଗ୍ୟ କୋଳେ ରଚେ ନୂଆ ଅନୁଭୂତି
ଯାଯାବର ସାଜି ଭାଙ୍ଗି ଗଢେ ଅସରନ୍ତି
ସ୍ୱପ୍ନର ଲହରେ ମନ ବୁଡିଯାଏ ଯେବେ
ଢେଉରେ ଢେଉରେ ପ୍ରେମର ଗୀତ ଶୁଭେ।

ସରାଟ, ବାଲିପାଟଣା, ଭୁବନେଶ୍ୱର
ଖୋର୍ଦ୍ଧା-୭୫୨୧୦୨



# ମାନବିକତା

ତୃପ୍ତି ଦାଶ (ମିଶ୍ର)

ହୃଦୟ କନ୍ଦରୁ ଉଦ୍ଭାସିତ ହୁଏ
ମାନବିକତାର ଗୁଣ,
ଦୟା କ୍ଷମା ସ୍ନେହ ପ୍ରେମ ସୌହାର୍ଦ୍ଦ୍ୟ ଯେ
ସହାନୁଭୂତି ଲକ୍ଷଣ ।।

ଏ ଧରିତ୍ରୀ ମଧ୍ୟେ କୋଟିଏ ରେ ଗୋଟେ
ହୃଦୟ ଅଛି ଏମିତି,
ନିଜେ ଦୁଃଖ ସହି ଅନ୍ୟକୁ ହସାନ୍ତି
ଦୁଃସ୍ଥ ମାନବ ର ସାଥୀ ।।

ଭିକ୍ଷୁକ ଦେଖିଲେ ପରାଣ କାନ୍ଦଇ
ଝରେ ନୟନୁ ଲୋତକ,
ବିକଳାଙ୍ଗ ଦେଖି ସସ୍ନେହେ ବଢାନ୍ତି
ସାହାଯ୍ୟର ଲମ୍ବା ହସ୍ତ ।।

ରାଜ କାର୍ଯ୍ୟ ଅବା ଶବଦାହ ବେଳେ
ନିକଟେ ହୁଅନ୍ତି ଉଭା,
ଅଧରେ ତାଙ୍କର ସ୍ମିତ ହାସ୍ୟ ସଦା
ମୁଖ ମଣ୍ଡଳରେ ଆଭା ।।

ଆପଣା ଦୁଃଖ କୁ ଆଡ଼ କରି ଦେଇ
ସମାଜ କଲ୍ୟାଣେ ମଗ୍ନ,
ପରହିତ ଲାଗି ପରାଣ କାନ୍ଦଇ
ଉନ୍ନତି ପଥରେ ସ୍ୱପ୍ନ ।।

ଦେବତ୍ୱ ଗୁଣ ଏ ଦେବତାଙ୍କ ଅଂଶ
ମାନବ ରୂପରେ  ମର୍ତ୍ତ୍ୟ,
ଆଜିବି ବଞ୍ଚିଛି ମଣିଷ ପଣିଆ
ସମର୍ପିତ ପର ହିତେ ।।

ଶାନ୍ତି ପଡ଼ା, ବଲାଙ୍ଗୀର
ମୋ -୬୩୭୦୫୦୮୬୦୮



# ଅପହୃତ ସ୍ମୃତିର ଛାୟା..

**ଡ. ମାନସ ରଞ୍ଜନ ପଣ୍ଡା**

ଡର ଲାଗେ ,
ପୁଣିଥରେ ସ୍ମୃତିର ଡାଏରୀ
ଓଲଟେଇବାକୁ..
କାଳେ,
ପୃଷ୍ଠା ସବୁ ଉଡିଯିବ
କେଉଁ ଏକ ଅଜଣା ରାଇଜକୁ
ଚୁପଚାପ୍
ଗୁମ୍ ସୁମ୍ ନିର୍ଜନ ରାତିରେ
ହାତ ତା କାଇଁ ଥରିଉଠେ ..
ପାଦ ଫେରିଯାଏ
ପଛକୁ ପଛକୁ..
ସାହାସ ହୁଏନି
ପୁଣି ଏକ ଝଡର ସାମ୍ନା କରିବାକୁ ...

ଡ. ମାନସ ରଞ୍ଜନ ପଣ୍ଡା
ଏମଏ, ଏମଫିଲ, ପିଏଚଡି (ଇଂରାଜୀ)
ଆସୋସିଏଟ ପ୍ରଫେସର (ଇଂରାଜୀ),
ଭୁବନେଶ୍ୱର

# କବିତା ଧାରା

ଅରୁଣ ଦାଶ



ମୁଁ ହୃଦୟର କବାଟ
ଖୋଲି ଦେଇଛି
ମନର ଝରକା
ଦଲକାଏ ଥଣ୍ଡା ପବନ
ଦରକାର ନିଶ୍ୱାସ ନେବାକୁ
ମୁଁ ଆଉ ଦେଖି ପାରୁନି
ବିବର୍ଣ୍ଣ ହୋଲିର ରଂଗ
ଅନ୍ଧକାରର ଭୟାନକ ରୂପ
ସକାଳର ଫିକାପଣ
ସୂର୍ଯ୍ୟର ନିରବ କ୍ରନ୍ଦନ
ଚନ୍ଦ୍ରମାର ଧର୍ଷିତ ଚେହେରା
ଖଣ୍ଡ ବିଖଣ୍ଡ ପୃଥିବୀର
ଭାଂଗି ପଡୁଥିବା ଭାଇଚାରା
ମୁଁ ଆଉ ଦେଖି ପାରୁନି
କେମିତି ମଣିଷ ମାନେ
ବିକ୍ରି ହୁଅନ୍ତି, ଶାଗ/ମାଛ
ଦରରେ, ପ୍ରେମ ମାନେ
ରାସ୍ତା ପାଖରେ ପେଣ୍ଡୁ
ଖେଳନ୍ତି/ଲୁହ ମାନେ
ଜାରଜର ଠିକଣା ନେଇ
କେବଳ ଘୁରିବୁଲନ୍ତି
ଦୀର୍ଘଶ୍ୱାସର ଚତୁଃପାର୍ଶ୍ୱରେ
ମୁଁ ଆଉ ଦେଖି ପାରୁନି
ମନର କ୍ଷେତରେ
ଫଳୁଥିବା ପ୍ରତାରଣାର
ନିରସ ଭଲପାଇବା
ଅହଂକାରର ଢୋଲପିଟା
ବିସ୍ଫୋରଣ, ଗୁଡାଏ ହାହାକାର
ଅଥର୍ବ ପୁଞ୍ଜିପତିର ବେଦରେ
ମୃତ୍ୟୁର ସଉଦା/ ବିକ୍ରି ହବାର
ନିରୀହତା, ଲୁହକୁ ଭାଗ ବାଣ୍ଟି
ପଣତ କାନିରେ ବାନ୍ଧିବାର ଦୃଶ୍ୟ
ମୁଁ ଆଉ ଦେଖି ପାରୁନି
କୋଉଠି ହଜିଗଲା
ମୋ ଆତ୍ମାର ବିଶ୍ୱାସ
ଆବେଗର ଗଭୀରତା
ଏବେ ଖୋଜୁଛି ନିଜକୁ
ଲୁହର ସମୁଦ୍ରରେ
ଏକା ଏକା ଏକା ଏକା
ଏକାନ୍ତ ବାସରେ ......

କନ୍ଧ ନୟାଗଡ,
ଚାନ୍ଦପୁର, ନୟାଗଡ

# ଅଧା ସ୍ୱପ୍ନ

ଡ. ଦିଲ୍ଲୀପ ଶ୍ରୀଚନ୍ଦନ



ଯେଉଁଠି ଛାଡିଥିଲି ସ୍ୱପ୍ନ ଅଧା
ପୁଣି ଦେଖିବି ସେଇଠୁ...
ତାଳଗଛ ଅଗିଲା ଛୁଇଁ
ଉଡୁଥିବା ଭଦଭଦଳିଆ ଚଢେଇ
ଘଡି ମାରି ଉଠୁଥିବା
ରାଣୀ ଫୁଲିଆ ଜହ୍ନ
କାର୍ତ୍ତିକ ନଈତୁଠର ହୁଳହୁଳି
ପରବାସୀ ଗେରସ୍ତର ଝାଳ ବତୁରା ଚିଠି
ଅମେଇସା ରାତିର ଠାକୁରାଣୀଙ୍କ ଗାଁ ବିଜେ
ଚୌକିଦାରର ବସି ଯାଇଥିବା
ଘାଗଡା କଣ୍ଠର ହୁସିଆର୍ ଡାକ
ଯାହାକୁ ଛାଡି ଯାଇଥିଲି ଏଠି
ସେଇଠୁ ପୁଣି ଆରମ୍ଭ କରିବି
ସ୍ମୃତି ଖୋଜା।
ଖରାରେ ସିଝି, ବର୍ଷାରେ ବତୁରି
ଶୀତରେ କୁଙ୍କୁରି
ବସନ୍ତରେ ଫୁଲ ବାସ୍ନାରେ
ମହକିତ ହେଇ କ୍ରମଶଃ
ଅଦୃଶ୍ୟ ହେବାକୁ ଯାଉଥିବା
ସ୍ମୃତି ମାନଙ୍କୁ ପୁଣି ସାଉଁଟିବି
ପୁଣି ବାପାଙ୍କ ଭାଗବତ ପଢ଼ାରେ
ଅଭିମନ୍ତ୍ରିତ କରିବି ସେଇ ସବୁ
ପୁରୁଣା ଦିନ..ମୁହୂର୍ତ୍ତ..
ଯେଉଁମାନଙ୍କ ସଂଗେ କଟିଥିଲା
ଜୀବନର ଅନେକ ବର୍ଷ
କଟିଥିଲା, ଅନେକ ଅନ୍ତରଙ୍ଗ ମୁହୂର୍ତ୍ତ
ସାକ୍ଷୀ ଅଛି ସେଦିନର ସେଇ
ମରିବାକୁ ଯାଉଥିବା
ଅଧା କଟା ବରଗଛ କୋରଡରେ
ବଘେଇ ଠାକୁରାଣୀ
ପବନରେ ଦୋହଲୁଛି
ଯାହାର ଚିରା ପଣତ କାନି।

ପୂର୍ବତନ ବିଧାୟକ, ଖୋର୍ଦ୍ଧା

# ମୋ ଗାଆଁ

ମଧୁଛନ୍ଦା ଦାଶ



ଗାଆଁଟି ମୋର ସରଗପୁର
ସବୁ ସୁଷମାର ଅଟେ ଆକର
ସବୁଜିମା ଭରା ଗିରି ପ୍ରାନ୍ତର
ପାଶେ ନିର୍ଝରିଣୀ ବହେ ଝର୍ଝର ।
କୁଳୁକୁଳୁ ତାନେ ଟିକି ନଈଟି
କେଡ଼େ ସରାଗରେ ବହିଯାଏଟି।
ପୂରୁବ ଆକାଶୁ ଆସେ ସୂରୁଜ
ବିଛାଡ଼ି ଦେଇ ତା ନାଲି ମୁରୁଜ ।
ହଳ ଧରି କାନ୍ଧେ କୃଷକ ଭାଇ
ଖୁସି ମନେ ଯାଏ ଗୀତଟି ଗାଇ ।
କ୍ଷେତରେ ଖଟଇ ମୋ ଗାଆଁ ଚାଷୀ
ସୁନାର ଫସଲ ଉଠଇ ହସି ।
ପୁଷ୍କରିଣୀ କୂଳେ ଗାଁ ଦେବାଳୟ
ଭକ୍ତମେଳରେ କୋଳାହଳମୟ,
ଝିଅ ବୋହୂ ଦ୍ୟନ୍ତି ଶଙ୍ଖ ହୁଳହୁଳି
କରନ୍ତି ଅର୍ଚ୍ଚନା ପ୍ରଦୀପଜାଳି ।
ଘାଟ ଜଗିଥାଏ ନାଉରୀ ଭାଇ
ନଈ ପାରିକରେ ପାଉଣା ନେଇ ।
ଝଡ଼ବରଷାକୁ ନ ଡରି ସିଏ
ନାଆ ବାହୁଥାଏ ଖୁସିମନରେ ।
କାଶତଣ୍ଡୀ ଫୁଲେ ସାଜେ ନଈପଠା
ଶରତ ସମୀର ଆହା କି ମିଠା ।
ଚ୍ୟୁତ ତରୁ ମୂଳେ ଶୁଭେ ବଂଶୀସ୍ୱନ
ମନ ମହକାଏ କୋଇଲି ତାନ ।
ମନ ମତାଣିଆ ଗୋଧୂଳି ବେଳ
ଗାଇଗୋଠ ଧରି ଫେରେ ଗୋପାଳ ।
ହୋଲି ଦୀପାବଳୀ ଦଶରା ରଜ
ପାଳନ୍ତି ସଭିଏଁ କରି ମଉଜ ।
ଗାଆଁରେ ଅନ୍ଧାର ନଇଁ ଆସେଟି
ସଞ୍ଜବତୀ ଜାଳେ ନୂଆ ବୋହୂଟି ।
ଗୀତା ଭାଗବତ ପୁରାଣ ପୋଥି
ଶୁଣନ୍ତି ସଭିଏଁ ହୋଇଣ ସାଥୀ ।
ରଜନୀରାଣୀର ଗଭା ମହକେ
ମଲ୍ଲୀ, ମାଳତୀର ବାସ ଚହଟେ ।
ଜୋଛନା ଢାଳଇ ବିମଳଶଶୀ
ମୋ ଗାଆଁ ଦାଣ୍ଡ ଯେ ଉଠଇ ହସି ।

# ଶ୍ରଦ୍ଧାର ଠାକୁର

ତୋଫାନ କୁମାର ରାଉତରାୟ



ପ୍ରଭୁ ହେ ତୁମରି ଦୟାରେ
ନିଶ୍ଚିନ୍ତେ ସମୟ ମୋ ସରେ ||
ଭୀତି ଶାନ୍ତି ପ୍ରୀତି ମିଳନ
ତୁମେ ପ୍ରଭୁ ଅଟ କାରଣ ||
ଅନୁସନ୍ଧିତ୍ସା କରେ ଆତ୍ମା
ଯାହା କହିଛନ୍ତି ମହାତ୍ମା ||
ଶ୍ରଦ୍ଧାର ଠାକୁର ତୁମେ ହେ
ସକଳ ଘଟେ ଶାସ୍ତ୍ର କହେ ||
ଦାରୁ ରୂପରେ ହେ ମୁରାରି
ସମୂଳେ ନାଶ ହେ ବଇରୀ ||
ହାତକୁ ଟେକି ସମର୍ପିତ
ଉଦ୍ଧାର ତୁମେ ଲକ୍ଷ୍ମୀକାନ୍ତ ||
କରମ କରେ ଦେଇ ଚିତ୍ତ
ସଚ୍ଚୋଟ ସତ୍ୟ ମୋର ପଥ ||
କର୍ମ ବନ୍ଧନେ ବନ୍ଧା ମୁହିଁ
ଅପର କୁଶଳ ଚିନ୍ତଇ ||
ଶ୍ରଦ୍ଧା ସୁମନ ସହିଷ୍ଣୁତା
ତୁମେ ହିଁ କର୍ତ୍ତା ମୋ ବିଧାତା ||
ସକାଳୁ ସଞ୍ଜ ବିତୁଅଛି
ଜନ ସେବା ରେ ସଦା ବ୍ରତୀ ||
ବିପଦେ ଆପଦେ ରଖିଛ
ଦୁଃଖରେ ସୁଖ ହିଁ ଭରିଛ ||
କୁପଥୁ ସୁପଥ ଆଡକୁ
କଢେଇ ଅଛ ସୁନ୍ଦର କୁ ||
ତୁମରି ଦୟା ମୋ ମଥାରେ
ଭୀତି ମୋ ନାହିଁ କେଉଁଥିରେ ||
ଆତ୍ମା ମୋ ଖୋଜେ ନିତ୍ୟ ସ୍ନେହେ
ଶାନ୍ତିର ମଳୟ ଯେ ବହେ ||
ଦାରୁବ୍ରହ୍ମ ରୂପେ ଜଗତେ
ହାତ କୁ ମେଲି ଡାକେ ତୋତେ ||
ଅଧର୍ମୁ ଧର୍ମ ଖୋଜୁଥାଇ
ଅନ୍ତରେ ନାମ କୁ ଭଜଇ ||
ଭଜେ ମୁଁ ରାମ କୃଷ୍ଣ ନାମ
ଧରାରେ ମୋର ମୁକ୍ତି ଧାମ ||
ଅନ୍ୟ କଷଣ ଦୂର ପାଇଁ
ବିକଳେ ଡାକେ ତୁମ୍ଭେ ସାଇଁ ||
ଗାଇ ଗାଇ ମୁଁ ମହାମନ୍ତ୍ର
ବଦଳୁ ମୋର ହୃଦ ତନ୍ତ୍ର ||
ପାଇବି ଶେଷେ ସ୍ଵର୍ଗ ଧାମ
ପୂର୍ଣ୍ଣ କର ହେ ମୋ ମନସ୍କାମ ||
ଜନ୍ମରେ ହେବ ମୋ ସାର୍ଥକ
ଧର୍ମରେ ହୋଇ ମୁଁ ପଥିକ ||

ବିଜ୍ଞାନ ଶିକ୍ଷକ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇ ଆର୍ ସି ଭିଲେଜ,
ଭୁବନେଶ୍ୱର

# ଜନ୍ମଭୂମି ମୋ' ଭାରତ

ଡ. ଚପଳା ପଣ୍ଡା



ଯେଉଁ ଦେଶେ ଗଢ଼ା ମୋର ଜୀବନ
କ୍ଷିତି, ଆପ, ତେଜ, ମରୁତ, ବ୍ୟୋମ
ସେହି ମୋର ମାଟି ମାଆ,
ଶ୍ରୀଚରଣେ ତା'ର କୋଟି ଦଣ୍ଡବତ
ଭାରତ ତାହାର ନାଆଁ।
ଦେଇଅଛି ସିଏ ତୁଣ୍ଡରେ ଭାଷା
ମୁଣ୍ଡରେ ଥୋଇଛି ଜ୍ଞାନ ପିପାସା
ଇତିହାସ କହେ କଥା,
ବୀରତ୍ୱର ବାଣୀ ପବିତ୍ର କାହାଣୀ
ଶୁଣି ନଇଁଯାଏ ମଥା।
ପୁରାଣ ସାହିତ୍ୟ ଧର୍ମୀୟ ବିଧି
କଳା କଉଶଳ ଶାସ୍ତ୍ରୀୟ ନିଧି
ନୀତି ପରମ୍ପରା ଥୋଇ,
ଆଲୋକ ବର୍ତ୍ତିକା ଦେଖାଏ ମୋ ଦେଶ
ଦେଶ ପ୍ରେମ ଭାବ ଦେଇ।
ଏମିତି ଆମର ଭାରତ ଦେଶ
ଜଳ, ସ୍ଥଳ, ବନ, ଗିରି, ଆକାଶ
ଦୁର୍ଲ୍ଲଭ ନୁହେଁ ତ କିଛି,
ମହାନୁଭବରେ ମହନୀୟ ଭାବ
ଖଣି ଖାଦାନରେ ଗଚ୍ଛି।

ଭାରତ ଆମର ଗର୍ବ ଗୌରବ
ଚାରି ଧାମ ସାଥେ ରତ୍ନ ବିଭବ
କାଶ୍ମିରୀ ସରଗ ସ୍ଥଳ,
ସେନା ବାହିନୀର ସୁରକ୍ଷା ବଳୟେ
ସୁରକ୍ଷିତ ଆମ ବଳ।
ଗୀତା, ଭାଗବତ, ବେଦ, କୋରାନ
ବାଇବେଲ ସାଥେ ବୁଦ୍ଧ ଓ ଜୈନ
ଧର୍ମେ ପ୍ରକ୍ଷାଳିତ ପ୍ରାଣ,
ସତ୍ୟ ଅହିଂସାର ମାର୍ଗ ଦର୍ଶକାରେ
ଗାନ୍ଧୀ, ଗୋପବନ୍ଧୁ ଧନ୍ୟ।
ଗଣତନ୍ତ୍ର ଆମ କହୁଛି କଥା
ଧର୍ମ ନିରପେକ୍ଷ ଆମ ବ୍ୟବସ୍ଥା
ଆମେ ଆମ ପାଇଁ ଲଢୁ,
ଆମେ ଦେଶ ପାଇଁ ଦେଶ ଆମ ପାଇଁ
ଏକଥା ଗର୍ବରେ ବାଢୁ।
ଭାରତେ ରହିଛି ପ୍ରାଚ୍ୟ ସଭ୍ୟତା
ପାଶ୍ଚାତ୍ୟ ସଂସ୍କୃତି ଆଣୁଛି ବ୍ୟଥା
ଦୂରକରି ଏହି ଭାବ,
ଅବଗାହନରେ ସ୍ମୃତିକୁ ଥାପିଲେ
ଭାରତେ ଭାରତ ଥିବ।

ଶିକ୍ଷୟିତ୍ରୀ (ସେବା ନିବୃତ୍ତ),
ଖୋର୍ଦ୍ଧା
ମୋ - ୯୪୩୭୪୨୧୮୧୬

# ଗଣତନ୍ତ୍ର ଦିବସ



ବିଳାସିନୀ ଦାଶ

ତେଷ୍ଟରୀତମ
ଗଣତନ୍ତ୍ର ଦିବସ
ପାଳେ ଭାରତ
ଉଡୁଅଛି ତ୍ରିରଙ୍ଗା
ଜାତିର ଶୌର୍ଯ୍ୟ
ଶାନ୍ତି ମୈତ୍ରୀ ପ୍ରୀତିର
ତ୍ରିଧାର ହୋଇ
ସମ୍ବିଧାନ ଜନକ
ଆମ୍ବେଦକର
ବରପୁତ୍ର ଦେଶର
ଅସୀମ ତ୍ୟାଗ
ଦେଶକୁ ଦେଲେ ଦିଶା
ସମାଜବାଦ
ଧର୍ମ ନିରପେକ୍ଷତା
ସାର୍ବଭୌମତା
ପ୍ରଜାଙ୍କର ଶାସନ
କର୍ତ୍ତବ୍ୟ କରି
ଅଧିକାର ଭୋଗିବା
ସମୃଦ୍ଧ ରାଷ୍ଟ୍ର
ହେଉ ଆମରି ଲକ୍ଷ୍ୟ ।

ମଧୁସୂଦନ ନଗର, ଖୋର୍ଦ୍ଧା

# ବଡେଇ ପକ୍ଷୀଙ୍କର



ଆରତି ମଞ୍ଜରୀ ଦାଶ

ଚିତ୍କାର କରି କହେ ଚିଲ
ମୁଁ ବଡ଼ ମୁଁ ବଡ଼
ସବୁଠୁ ଉଚ୍ଚେ ଉଡ଼ି ପାରେ ମୁହିଁ
ମୋ ଡେଣାରେ ଦେଖ କେତେ ବଳ !
ମୟୂର ବୋଲଇ ବନ୍ଧୁ ହେ,ଦେଖ
ମୋପରି ସୁନ୍ଦର କେହି ନାହିଁ
ମନ ମତାଣିଆ ନାଚ ମୋର ଅବା
କାହାକୁ ଜଗତେ ମୋହେ ନାହିଁ ?
ଚକୋର କହଇ ଗୀତ ଗାଇ ଗାଇ
ଜହ୍ନକୁ ମୁଁ ଡାକୁଥାଇ
ଶୀତଳ କିରଣେ ଧରାକୋଳୁ ସିଏ
ଅନ୍ଧକାର ଦେବ ଧୋଇ ।
କୋଇଲି କହିଲା,ରୂପ ନାହିଁ ମୋର
ନାଚି ମୁଁ ପାରେନା ସତ
କା' କପାଳେ କହ ଜୁଟିଛି ମୋ' ପରି
ମଧୁର ଗୋଟିଏ କଣ୍ଠ ? ,
ଚାତକ କହ ଇ,ବିଶ୍ୱ ଯେତେବେଳେ
ଖରାତେଜେ ଜଳୁଥାଏ
ମୋ'ରି ଡାକରେ ଜଳଧାରା ପରା
ମେଘରୁ ନିଗିଡି ଯାଏ ?
କୁଆ କହେ,ମୋର ନାହିଁ ରୂପ ବଳ
ଗାଇ ମୁଁ ପାରେନା ଗୀତ,
ସଭିଙ୍କର ପ୍ରିୟ କୋଇଲିକୁ ପାଳେ
ଯେ ତ ମୋର ଗଉରବ ।
କେହୁ ନ ଉଠୁଣୁ ମଥାନେ ଉଠେ ମୁଁ
ଅରୁଣ ଉଦୟ ଆଗେ
ମୋ ରୁକ୍ଷ ଡାକରେ ତ୍ରିଭୁବନ ପରା
ବିଭୁ ସୁମରଣେ ଜାଗେ ।

ଗୁରୁଜଙ୍ଗ, ଖୋରଧା ।

# କେରାଏ କୃଷ୍ଣ ଗୀତି

ଦେବବ୍ରତ ବାରିକ



କୃଷ୍ଣ ଜନ୍ମ....

****

କୃଷ୍ଣ ଅଷ୍ଟମୀରେ ଭାଦ୍ରବ ମାସରେ
ଅଜସ୍ର ବର୍ଷା ରାତିରେ
ଅବତୀର୍ଣ୍ଣ ହୋଇଲେ ପ୍ରଭୁ ଶ୍ରୀକୃଷ୍ଣ
ଦେବକୀ ମା'ଙ୍କ କୋଳରେ।।

କାନ୍ଧ ରେ...

****

ବୋହି ନେଇଥିଲେ କାନ୍ଧେ ବସୁଦେବ
ଛାଡିବାକୁ ଗୋପ ପୁରେ
କୂଳ ଲଘା ଜଳ ଛାତି ଛୁଇଁଯାଏ
କାହ୍ନା ହସୁ ଥାଏ ଧୀରେ।।

ନିଦ୍ରାଦେବୀ...

****

ନିଦ୍ରାଦେବୀ ମହାମାୟା ଙ୍କ ଆଜ୍ଞାରେ
ସଭିଙ୍କୁ ନିଦ୍ରା ଘାରିଲା
ମହାମାୟା କନ୍ୟା ରୂପେ ଜନ୍ମ ନେଲେ

ବିଜୁଳି କନ୍ୟା...

*****

କୃଷ୍ଣଙ୍କ ଆଦେଶେ ପିତା ବସୁଦେବ
ଗୋପପୁରେ ଛାଡି ଦେଲେ
ବିଜୁଳି କନ୍ୟାଙ୍କୁ ସାଥିରେ ଆଣିଲେ
ଦେବକୀ କୋଳରେ ଦେଲେ।।

ଉଲ୍ଲାସ.....

****

କୃଷ୍ଣ ଜନ୍ମଦିନ ଜନ୍ମାଷ୍ଟମୀ ରୂପେ
ପାଳନ କରନ୍ତି ସର୍ବେ
ଅତି ଉଲ୍ଲାସରେ ନୀଳାଚଳରେ
ପୂଜାର୍ଚ୍ଚନା ଘରେଘରେ।।

**ସମ୍ପାଦକ ପ୍ରୀତି ପ୍ରଣତି**
**ଆନନ୍ଦପୁର, କେନ୍ଦୁଝର**
**ଦୂରଭାଷ - 9348779394**

# ଆତ୍ମ ବିଶ୍ୱାସ

**ପଦ୍ମନାଭ ପାଣିଗ୍ରାହୀ**



ବିଷୟ ପଛରେ ଧାଇଁଛି ମଣିଷ
ମୂଳ ଲକ୍ଷରୁ ବିଚ୍ୟୁତ
ଦୁଃଖ ସୁଖ ଭୟେ ଅସ୍ଥିର ହୁଅଇ
ଶାନ୍ତି ହୁଏ ପରାହତ
ଦୁର୍ଲଭ ଶରୀର ଈଶ୍ୱରଙ୍କ ଦାନ
ଛାର ମଣିଷ ଅଜ୍ଞାନ
ଅମୃତ ସ୍ୱରୂପ ଆତ୍ମାକୁ ଭୁଲି ଯେ
ଅନ୍ୟାୟେ ଅର୍ଥ ଅର୍ଜନ
ଆତ୍ମବିଶ୍ୱାସରେ କାମଟି କରିଲେ
ସଫଳତା ମିଳିଥାଏ
ପ୍ରତିଭା ସାମର୍ଥ୍ୟ କିଛି ଭଲ ଗୁଣ
ଆପଣା ଭିତରେ ଥାଏ
ଅହଂକାରପୁର୍ଣ କର୍ମଟି କଦାପି
ନିର୍ମଳ ହୋଇ ପାରେନା
ନିରଂହଂକାର ଭାବ ଉପୁଜିଲେ
ସାତ୍ତ୍ୱିକ କର୍ମରେ ଗଣା
ଉତ୍ସାହ ଆଗ୍ରହେ କାର୍ଯ୍ୟ ସଂପାଦନେ
ଜୀବନ କର ସାର୍ଥକ
ଦିବ୍ୟସତ୍ତା ଏକ ଅନ୍ତଃକରଣ
ନିଃଶବ୍ଦ ଉପଦେଶକ
କ୍ଷମତା ଦକ୍ଷତା ପୂର୍ଣ୍ଣ ହୋଇଅଛି
ମଣିଷ ହୃଦକନ୍ଦରେ
ହତାଶ ନିରାଶ ହୁଅନାହିଁ ଜମା
ପ୍ରବେଶ ଲକ୍ଷ ସ୍ଥଳରେ
ନକାରାତ୍ମକ ଦୃଷ୍ଟିଭଙ୍ଗୀ ତେଜି
ସ୍ୱଶକ୍ତି ଚିହ୍ନଟ କଲେ
ପ୍ରଶଂସାର ପାତ୍ର ହୋଇଯିବ ସଦା
ନ ପଡ଼ ଅନ୍ୟର ଜାଲେ
ପ୍ରଲୋଭନେ କଦା ପ୍ରଲୋଭିତ ନୋହି
ନିରପେକ୍ଷ କାର୍ଯ୍ୟ କର
ଆତ୍ମତୃପ୍ତି ମିଳିଯିବ ଭାଇ
ନୀତି ନିୟମକୁ ଅନୁସର
ପିତା ମାତା ଗୁରୁଜନଙ୍କ ପ୍ରେରଣା
ସର୍ବଦା ଆମର ଧେୟ
ଆପଣାଛାଏଁ ଅପସରି ଯିବ
ମନୁ ଆକରଣ ଭୟ

**ବନମାଳୀ କଲୋନୀ, ଜଟଣୀ**
**ମୋ - ୭୮୪୮୮୮୪୬୦୬**

# ଖାଲ

ଜୟଦେବ ସିଂ



ଖାଲ ପୋତି ପୋତି ରାଜକୋଷ ଫାଙ୍କା
ଯେଉଁ ଖାଲ ଖଣା ସେଇ ଖାଲ
ଖାଲ ଗଭୀରତା ମାପନାହିଁ କେବେ
ଖାଲ ପାଇଁ କର ମୂଳଚାଲ।
ଖାଲ ପୋତା ହେବ ଆକଳନ କରି
ଫନ୍ଦିରେ ବିଲ୍ ପାରିତ କଲ
ଶତକଡା ପାଇଁ ଫୁସୁର ଫାସର
ଦଲାଲଙ୍କ ସାଥେ ହୁଅ ଗେଲ।
ଖାଲ ପୋତା ହେବ ମଞ୍ଜୁର ନିର୍ଦ୍ଦେଶେ
ଯନ୍ତ୍ରୀ, ଚୁକ୍ତିକାର ଆଖି ଲାଲ
କାର୍ଯ୍ୟାଦେଶ ପାଇଁ ଲବି, ସୁପାରିଶ
ଅକଲକୁ ଯାହା ଖଟାଇଲ।
ଖାଉନ୍ଦ ହାତେଇ ମିଛେ ଧମକାଇ
ସୃଷ୍ଟି କରାଅ କୃତ୍ରିମ ଖାଲ
ଜନତା ହୀନସ୍ତା ଅଣଦେଖା କରି
ବାପା ନାଆଁରେ ଆପେ ବଞ୍ଚିଲ।

ଦଲୁଆ ସର୍ଦ୍ଦାର ନଦେଖିଲା କେବେ
କେତେ ସମତଳ ହେଲା ଖାଲ
ହୁକୁମନାମାରେ ସ୍ୱାକ୍ଷର ମୋହର
ହୁଣ୍ଡାରେ ହୁଣ୍ଡିରେ ହୁଣ୍ଡାମୂଳ।
ଖାଲ ପାଖେ ରୁଟି ଫୋପାଡି ହସୁଛ
ମାରଫତେ କାଉ ପଲପଲ
ଫଡଫଡ ଡେଣା ତୁଣ୍ଡ ଅଙ୍କେ ଗଣା
ଖବିସା ଗୁଣେ ଖୁସ୍ ମାତାଲ।
ଖାଲ ନାମେ ମିଛେ ଯେତେ ପୂର୍ତ୍ତି କଲ
ଆବର୍ଜନା ଯୁକ୍ତ ପେଟ ଖାଲ
ନିନ୍ଦା, ଦୁର୍ବିପାକ ଯମ ଯନ୍ତ୍ରଣା ରେ
ଅନ୍ତେ ତୁମ ପ୍ରାଣ କଲବଲ।

ରାଣୀଗୁଡା ଫାର୍ମ, ରାୟଗଡା
ରାଜ୍ୟ ପୁରସ୍କାର ଓ ଅବସରପ୍ରାପ୍ତ ଶିକ୍ଷକ
ମୋ - ୯୪୩୭୫୨୭୩୪୯

# ବାସ୍ତବ ତୋ ପ୍ରୀତି



**ରଞ୍ଜିତା ମିଶ୍ର**

ଆଖି କଜଳରେ ତୋ ନାଁ ଲେଖିଛି
କାନ୍ଦିବା ମୋ ପାଇଁ ମନା
ଲୁହ ମୋ ଝରିଲେ ଲିଭିଯିବୁ କାଳେ
ଲୁହ ମୋ ଝରି ପାରେନା ।

ଅଧର ଉପରେ ସଜେଇଛି ତୋତେ
ହସର ଧାରଟେ କରି
ହସିବାକୁ ଖୋଜେ ନିତି ମୁଁ ବାହାନା
ତୋ'ରି ମହକ ଭରି ।

ଆଘାତ ପାଇଲେ ଭାଙ୍ଗିଯିବୁ କାଳେ
ଯତନ ତୋ ପାଇଁ ଭାରି
ହୃଦୟ କୋଣରେ ସାଇତି ରଖିଛି
ଅନୁଭବଟିଏ କରି ।

ପିନ୍ଧିଚି ମଥାରେ ଟିକା ଟିଏ କରି
କଳଙ୍କକୁ ନାହିଁ ଭୟ
କାରଣ ଏତିକି ବାସ୍ତବ ତୋ ପ୍ରୀତି
ନାହିଁ ଟିକେ ଅଭିନୟ ।

ବିଷମୟ ମୋର ଜୀବନେ ତୁ ଏକା
ଅମୃତ କଳସଟିଏ
ଅମାପ ଶ୍ରଦ୍ଧାରେ ଅସୀମ ପ୍ରେମରେ
ଆପେଆପେ ବାନ୍ଧି ହୁଏ ।

**ବଇଣ୍ଡା, ଅନୁଗୁଳ**

# ଭାବର ଈଶ୍ୱର



**ଶିଶିର କୁମାର ସ୍ୱାଇଁ**

ସେ ତ ଭାବ ଡୋରେ ବନ୍ଧା ଭାବର ଠାକୁର
ଭାବକୁ ନିକଟ ପୁଣି ଅଭାବକୁ ଦୂର ।

ରତ୍ନ ସିଂହାସନ ତଳେ ଭାବକୁ ଅଜାଡ଼ି,
ମଣିଷ ଜୀବନ ନିତି ହେଉଛି ସଜାଡ଼ି ।

ବାଇଶି ପାହାଚ ତାର ମହା ତପ ଭୂମି,
କୋଟି ଐଶ୍ୱର୍ଯ୍ୟ ପ୍ରାପ୍ତ ଥରେ ଦେଲେ ଚୁମି ।

ପତିତ ପାବନ ନେତ ନେତ୍ର ଦେଲେ ଦେଖି ,
ମନୋବାଞ୍ଛା ପୂର୍ଣ୍ଣ ହୁଏ ଭକ୍ତ ହୁଏ ସୁଖୀ ।

ମହା ପାତକ ନାଶଇ ବଡଦାଣ୍ଡ ଧୂଳି,
ଭାଗ୍ୟେ ଥିଲେ ସିନା ଦାଣ୍ଡେ ପାରିବ ଯେ ଚାଲି ।

ମହା ପ୍ରସାଦ ତାହାର କୋଟି ପୂଣ୍ୟ ବଳେ,
ଜୁଟିଥାଏ କୋଟି କୋଟି ଭକ୍ତର କପାଳେ ।

ଅରୁଣ ସ୍ତମ୍ଭକୁ ଥରେ ଭାବେ ଦେଲେ ଛୁଇଁ,
ଦୁଃଖ ତାପ ହରି ନିଏ ପ୍ରଭୁ ଭାବଗ୍ରାହୀ ।

ମହୋଦଧି ଜଳେ ଥରେ କରିଲେ ସ୍ନାହାନ,
ସେ ଭାବକୁ ଭାଗିରଥୀ ନୀର ନୁହେଁ ସମ ।

ସ୍ୱର୍ଗଦ୍ୱାର ଅଟେ ତାର ବୈକୁଣ୍ଠକୁ ସିଡ଼ି,
ଭାବ ବିନା ସେ ସିଡିକୁ ପାରିବ କେ ଚଢି ।

ଭାବ ନାହିଁ ମୋର ମୁଁ ଯେ ଅଭାବୀ ଶିଶିର,
ଭବ ଜଳୁ ପାରି କର ଭାବର ଈଶ୍ୱର ।

# ବନ୍ଦେ ମାତରଂ



ସରୋଜିନୀ ଦାସ

ଅଗଷ୍ଟ ପନ୍ଦର
କି ସେ ଦିନ ଥିଲା ୧୯୪୭ର !!
କି ସେ ସକାଳ ଥିଲା
ନୂଆ ଉଦ୍ଦୀପନାର !!
ରକ୍ତ ରକ୍ତରେ ଫୁଟି ଉଠୁଥିଲା
ଦେଶପ୍ରେମ ଅଲିଭା ଅନଳ ।
ଟାଙ୍କୁରି ଉଠୁଥିବା ଲୋମକୁପରେ
ଭରି ଯାଇଥିଲା ଦେଶ ପ୍ରେମର ସ୍ୱେଦ
ଝରିଆସୁଥିଲା ପ୍ରଶସ୍ତ ଲଲାଟୁ
ମାଟି ମା' ପାଇଁ......
ଅବାରିତ ଅନର୍ଗଳ ।
ଆଖିରେ ମୁହଁରେ
ପ୍ରଜ୍ଜ୍ୱଳି ଉଠୁଥିଲା
ଦୃପ୍ତ ଲେଲିହାନ ଶିଖା ,
ବ୍ରିଟିଶକୁ ପଦାନତ କରିବାର
ତୃପ୍ତ ମନତଳ ଭାଷା ।
ନୂଆ ଭାରତର ରୂପରେଖ
ବଦଳିଛି ଏଇ ଏବେ ଏବେ
ସନ୍ତ୍ରାସକୁ ହତ୍ୟା କରି.....
ସୃଷ୍ଟି ହେବ ଶାନ୍ତିର ମଇଦାନ ,
ନୂଆ ବିଧେୟକ
ପ୍ରସାରିବ କ୍ରାନ୍ତିକାରୀ
ସର୍ବଜନାଦୃତ ଏକ
ମହାନ୍ ପରିବର୍ତ୍ତନ।
ସବୁଠି ମନ୍ଦ୍ରିତ ,ଏବେ ମନ୍ତ୍ରିତ ସେ
ଅନିର୍ବଚନୀୟ ସ୍ୱର---"ବନ୍ଦେ ମାତରଂ "
ଆକୁମାରୀ କାଶ୍ମୀରରେ
ଶୁଭେ ଗୁଞ୍ଜରଣ।

ଅଫୁରନ୍ତ ଆନନ୍ଦ ଲହରୀ ତେଣୁ ,
ଖେଳିଯାଏ ଧରାର ସ୍ୱର୍ଗରେ
ମାଟି ପାଣି ଆକାଶକୁ ଏକାକାର କରି----,
ଫର ଫର ଲହରାଏ
ତ୍ରିରଙ୍ଗାୟିତ ଧ୍ୱଜ
କାଶ୍ମୀର ମଥାନ ଉପରେ
ଉଛେଦି ତିନିଶ ସତୁରୀ ।
ଏକ ଧ୍ୱଜା ,ଏକ ରଙ୍ଗ,
ଏକ ମନ୍ତ୍ର ଏକ ହିଁ ନିୟମରେ
ଅବଗାହେ ଏ ଭାରତବର୍ଷ
ଅଖଣ୍ଡତାର ପରାକ୍ରମେ
ଆସିବ ଉତୁରି।
ଆଜିର ଏ ତ୍ରିରଙ୍ଗା ଦେଖ
ଉଜ୍ଜ୍ୱଳି ଉଠୁଛି----
ଗାଢ ହୋଇଉଠୁଛି ତା' ତିନି ରଙ୍ଗ
ଉଦ୍ଭିତ ସୂରୁଜ ନାଳି
ଢାଳୁଛି ତହିଁରେ ପୁଣି
ସ୍ୱର୍ଣ୍ଣିମ ଉମଙ୍ଗ।
ସେ ଉମଙ୍ଗରେ ଚମକିଯାଉ
ସଶକ୍ତ ହେଉ ଯୁବ ଉନ୍ମାଦନା,
ଏକତାର ଅବହାନୀ ମନ୍ତ୍ରେ
ଥରିଯାଉ..ଡରିଯାଉ...ଫେରିଯାଉ
ସୀମା ସେପାରିରେ ଠୁଳ ଯେତେ
ବର୍ବର ଅଇରିର ସେନା।

**ଶିକ୍ଷୟିତ୍ରୀ,**
**ପ୍ରାଣନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଜଟଣୀ,**
**ମୋ - ୯୦୪୦୫୮୮୬୨**

# ସତେ ତୁ' କିଏ

ତ୍ରିଲୋଚନ ଦାସ



କେଉଁ ରଜାପୁଅ ମନର ମାନସୀ
କେଉଁ ସରଗର ପରୀ
କେଉଁ ମଧୁପର ଫୁଲ କୁଆଁରୀ ତୁ'
ସାଧବର ସୁନାଗୋରୀ ।୦।

କେଉଁ ବଣିକର ଆଉଟା ସୁନା ତୁ'
କେଉଁ ମାଣିକର ମଣି
କେଉଁ ଶାମୁକାର ପେଟର ମୁକୁତା
କିଏ ବା ପାରିବ କିଣି

କେଉଁ ଫଗୁଣର ହଳଦୀ ବସନ୍ତ
ବକୁଳ ବନର ଶାରୀ
କେଉଁ ରଜାପୁଅ ମନର ମାନସୀ
କେଉଁ ସରଗର ପରୀ ।୧।

କେଉଁ ବନଭୂମି ଅଳସୀ ନଈଟେ
କଳକଳ ହୋଇ ଧାଉଁ
କେଉଁ ଦରିଆର ଚଂଚଳ ଲହରୀ
ବେଳାଭୂମି ଛୁଇଁ ଯାଉ

କେଉଁ ଶ୍ରାବଣର ଇନ୍ଦ୍ରଧନୁ ତୁ' ଲୋ
ମେଘ ହୋଇ ଯାଉ ଝରି
କେଉଁ ରଜାପୁଅ ମନର ମାନସୀ
କେଉଁ ସରଗର ପରୀ ।୨।

ଶ୍ରୀବିହାର, ଖୋର୍ଦ୍ଧା-୭୫୨୦୫୫
ମୋ- ୯୮୫୩୫୩୫୦୯୫

# ସକାଳ ଜଣାଣ

ଗୋଦାବରୀଶ ଦାସ



ଯମୁନାର କୂଳେ କଦମ୍ବର ଡାଳେ
ବଂଶୀସ୍ୱର କିପାଁ ଶୁଭେନା
ଗୋପପୁରୁ ଧାଇଁ ଜଳ ନେବାପାଇଁ
ରାଧାରାଣୀ ଆଉ ଆସେନା ।
ରେ କାହ୍ନା,ରାଧାରାଣୀ କିଆଁ ଆସେନା,,,,,

ଝୁରୁଛି କଦମ୍ବ ଝୁରୁଛି ଯମୁନା
ଝୁରୁଛି ଯମୁନା ଜଳ
ନିରବି ଯାଇଛି ଯମୁନାର ଘାଟ
ନାହିଁ ଗୋପାଙ୍ଗନା ମେଳ ।

ସୁଦାମା ସୁବଳ ସଙ୍ଗେ ନାହିଁ ଖେଳ
କାହିଁ ପାଇଁ ଆଉ ଦିଶେନା
ଗୋପୀ ଗୋପାଲୁଣୀ କଳସୀରେ ପାଣି
ଯମୁନାରୁ ଆଉ ଭରେନା ।
ରେ କାହ୍ନା,ରାଧାରାଣୀ କିଆଁ ଆସେନା,,

କି ସୁନ୍ଦର ବନ ଗିରି ଗୋବର୍ଦ୍ଧନ
ରହିଛି ତୁମକୁ ଚାହିଁ
କାନ୍ଦୁଛି ଯମୁନା ହୋଇ ଆନମନା
କେବେ ଆସିବ କହ୍ନେଇ ।

ବଜାରେ ବଇଁଶୀ ପୁଣି ଉଠୁ ହସି
ତୋ ବିଚ୍ଛେଦ ସହି ପାରେନା
ଆଉ ଥରେ ଫେରି ଆସରେ ମୂରାରୀ
ଶୁଭୁ ତୋ ବଇଁଶୀ ମୂର୍ଚ୍ଛନା ।
ରେ କାହ୍ନା, ରାଧାରାଣୀ କିଆଁ ଆସେନା,,,,,

**ଶଙ୍ଖମୂଳ, ରଣପୁର, ନୟାଗଡ଼**

# ନୂଆ ବର୍ଷରେ ନେତାଙ୍କ ପ୍ରତିଶ୍ରୁତି



**ଅର୍ଜୁନ ଦାସ**

ନୂଆ ବର୍ଷ ଆସିବାର ଦେଖି୍ ନେତା
ମନେ ମନେ ସବୁ ଭାବିଲେ
ବହୁତ ହୋଇଲା ରାଜନୀତି ଏଠି
ଜନ ସେବା ପାଇଁ ଚିନ୍ତିଲେ ॥
ତେଣୁ ଲୋକମାନଙ୍କ ପାଖକୁ ଯାଇ
ତାଙ୍କ ପାଦତଳେ ବସିଲେ
ପଦ ସେବା ପାଇଁ ଆଦେଶ ଦିଅ ହେ
ଦିନ ନାଥ ବୋଲି ଡାକିଲେ ॥
ଜନତା ପ୍ରବର ଦେଖନ୍ତେ ଏମନ୍ତ
ମନେ ମନେ ବସି ଭାବିଲେ
ଏବେ କେଉଁ ନୂଆ ଯୋଜନା ବୋଧେ
ଆର୍ବିଭାବ ଏଇ ସାଆଲେ ॥

ହା ପାଦ ତଳେ ବସିବା ପାଇଁକି
ଖୋଜି ଖୋଜି ଯେତେ ବୁଲିଲେ
ପାଦ ତ ପାଦ , ପାଦ ଧୂଳି ଟିକେ
ତାଙ୍କର ନମିଳଇ ଭଲେ ॥
କେମିତି ସମ୍ଭବ ହେଲା ଏହା ପରା
ଚିନ୍ତା ଟା ବଢାଇ ଦେଲେ
ଭାବୁଛୁ ଏଥର ଦୁନିଆ ଟା ପରା
ପରିବର୍ତ୍ତନ ହେବ ଭଲେ ॥
ଆଗକୁ ଭୋଟ ଆସୁଛି ବୋଲି
ଅଟେ ବୋଧେ ନୂଆ ଚାଆଲେ
କିବା ଜନତାଙ୍କୁ ଧୋକା ଦେବାପାଇଁ
ସୃଷ୍ଟି ତାଙ୍କ ନୂଆ ପ୍ଲାନେ

ମାଧବ, ନିଆଳୀ,
କଟକ-୭୫୪୦୦୪
ମୋ-୭୭୩୫୯୫୭୧୫୧

# ଆକାଶ ଯାଇଛି ଶୋଇ



ସୁଶ୍ରୀ ପ୍ରୀତି ଲତା ପଣ୍ଡା

ନୀରବ ନିବିଡ ନିର୍ଜନ ରାତି
ଝିଲ୍ଲୀ ଡାକେ ରହି ରହି
ଅଧୀର ବିଭୋର ରୂପା ଜହ୍ନ ଝରେ
ପ୍ରୀତିର ମଦିରା ପିଇ।(୦)
ନୀଡହରା କେଉଁ ନିଃସଙ୍ଗ ପକ୍ଷୀର
ତୃଷ୍ଣା ଆତୁର ଡାକ
ବେଦନା ବିଧୁର ବୁକୁତଳେ ତା'ର
ବିରହ ର ବୈଶାଖ
ସ୍ନିଗ୍ଧ ମଧୁର ତୂଳୀତଳପ ରେ
ଆକାଶ ଯାଇଛି ଶୋଇ।
ନୀରବ ନିବିଡ ନିର୍ଜନ ରାତି
ଝିଲ୍ଲୀ ଡାକେ ରହି ରହି।(୧)
ଅଭିସାରିକା ମୁଁ ତୁମ ପ୍ରତୀକ୍ଷାରେ
ଅପଲକେ ରାତି କଟେ
ତନ୍ଦ୍ରା-ଜଡିତ ମୋ ନୀଳ ନୟନେ
ସପନର ଫୁଲ ଫୁଟେ
ବିରହ ର ତାତି କ୍ରମେ ମୋ ଛାତି
ତମ ବାଟ ଚାହିଁ ଚାହିଁ
ନୀରବ ନିବିଡ ନିର୍ଜନ ରାତି
ଝିଲ୍ଲୀ ଡାକେ ରହି ରହି ।(୨)

**ଆଗରପଡା, ଭଦ୍ରକ,**
**ମୋ - ୯୦୪୦୫୮୮୬୬**

# ଦୁଃଖର ଗଣ୍ଠିଲି



ସିଦ୍ଧେଶ୍ୱର ତ୍ରିପାଠୀ

ଦୁଃଖର ଗଣ୍ଠିଲି ବାନ୍ଧି ମୁଁ ଆଣିଛି
ଶ୍ରୀହସ୍ତରେ ଖୋଲିଦିଅ
ସାରା ଜୀବନର ଲହୁଲୁହ ବ୍ୟଥା
ନିଅ ଜଗନ୍ନାଥ ନିଅ ।

ଭାବିଥିଲି ଦିନେ ଆସିବି ସାଆନ୍ତେ
ସୁଖର ପସରା ଧରି
ବନ୍ଧୁ ସହୋଦର ବାଣ୍ଟି ନେଇଗଲେ
ସବୁ ସୁଖ ଗଲା ସରି ।

ବାକି ରହିଗଲା ଯେତେକ ଯନ୍ତ୍ରଣା
ଜୀବନ ଶେଷ ଅଧ୍ୟାୟ
ଦୁଃଖର ଗଣ୍ଠିଲି ବାନ୍ଧି ମୁଁ ଆଣିଛି
ଶ୍ରୀହସ୍ତରେ ଖୋଲି ଦିଅ ।

ସରିଗଲା ଶୋଷ କମିଲା ଆୟୁଷ
ଦୁରେଇଲେ ପ୍ରିୟଜନ
ତୁମ ବଡଦାଣ୍ଡେ ବୁଲୁବୁଲୁ ଦଣ୍ଡେ
ହେ ନାଥ ଯାଉ ଜୀବନ ।

କହେ ସିଦ୍ଧେଶ୍ୱର ସଂସାରୀ ସଂସାର
ଉଆଁସୀ ଜହ୍ନର ମୋହ
ଦୁଃଖର ଗଣ୍ଠିଲି ବାନ୍ଧି ମୁଁ ଆଣିଛି
ଶ୍ରୀ ହସ୍ତରେ ଖୋଲି ଦିଅ ।

ମୋ - ୮୦୧୮୬୪୬୭୦୪

# ଅଦ୍ୱିତୀୟ ଅଭିନବ ଅମ୍ଳାନ ଭାରତ ବର୍ଷ



**ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର**

କେତେ ସୁରୁଚିର ଅତି ମନୋହର
ଯାହାର ତୁଳନା ନାହିଁ
ସବୁଠାରୁ ପ୍ରିୟ ସେହି ମୋର ସ୍ୱର୍ଗ
ମା'ମୋ ଜନମଭୁଇଁ ।।

ତିନି ଲୋକେ ସାର ଧରଣୀ ରାଣୀର
ରମଣୀୟ ଚିତ୍ର ଶୋଭା
ଅପାସୋରା ଚିତ୍ରେ ଚିତ୍ରିତ କୋମଳ
କାନ୍ତି ଅତି ମନଲୋଭା ।।

ଲତା, ଦ୍ରୁମ, ଗୁଳ୍ମ ମହୌଷଧିମାନ
ଯତନେ କରିଛି ଠୁଳ
ବିତରି ଦେଇଛି ପୂତ ପୟୋଧର
ଆକୁମାରୀ ହିମାଚଳ ।।

ସାଇତି ରଖିଛି ଅପୂର୍ବ ସଂପଦ
ଧନରତ୍ନ ,ମଣି ଖଣି
ବିପୁଳ ବିଭବ ଅଧିକାରିଣୀ ମୋ
ଜନନୀ ଭାରତ ଭୂଇଁ ।।

ଏ ମାଟିରେ ଫଳେ ସୁନାର ଫସଲ
ସୁଧାମୟ ମିଠା ଫଳ
ଗଙ୍ଗା, ଗୋଦାବରୀ ପୂତ ପୟୋବାରୀ
ଝରୁ ଥାଏ ନିରନ୍ତର ।।

ଏଠିମିଳେ ସ୍ନେହ ଶ୍ରଦ୍ଧା, ପ୍ରେମ, ପ୍ରୀତି
ବନ୍ଧୁ ପରିଜନ ଭାଇ
ଏପରି ପବିତ୍ର ଭୁଇଁ ବଇକୁଣ୍ଠ
ସମ ଆଉ ନାହିଁ କାହିଁ ।।

ସୀମାହୀନ କୋଳ ଅସୀମ ସେନେହ
ପାଳେ କୋଟି କୋଟି ପ୍ରାଣୀ
ଅଭୟ ଦାୟିନୀ ଯତନେ ପାଳଇ
ଜନନୀ ମୋ ଜନ୍ମ ଭୂଇଁ ।।

ତା'କୋଳେ ଜନମ ନେବାପାଇଁ ପରା
ଦେବା,ସୁର ଧ୍ୟାନେ ରତ
ହୋଇ ଜନ୍ମ ନେଇ ଅଛନ୍ତି ତା କୋଳେ
ଏହା ଯେ ବେଦ ବିଦିତ ।।

ବାରମ୍ବାର ଜନ୍ମ ନେଇ ସତ୍ୟକର୍ମ
କରିବା ପାଇଁ ଜୀବନ
ବାରମ୍ବାର ଦେଇ ଗଢିଦିଅ ମୋତେ
ମୋହର ଏହି ଜଣାଣ ।।

ବଂର ମୃତ୍ୟୁ ଭଳି ଚିରସତ୍ୟ ନିତି
ଏ ପୁରରେ ବିରାଜଇ
ଜନମ ନେବିହେ ଠାକୁରେ ତା କୋଳେ
ମରଣକୁ ଭିତି ନାହିଁ ।।

**ମଙ୍ଗଳାଯୋଡି , ଖୋର୍ଦ୍ଧା**

ପ୍ରଥମ ବର୍ଷ I ଦ୍ୱିତୀୟ ସଂଖ୍ୟା I ଫେବୃଆରୀ ୨୦୨୨



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ନିଶିକାନ୍ତ କହଲସିଂହ
ଉପଦେଷ୍ଟା



ସମରଜିତ୍ ପଟ୍ଟନାୟକ
ସମ୍ପାଦକ



ବାବାଜୀ ଜେନା
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ

**M-1/5, M.P.Housing Board Colony**
**Post: P.N.College, Dist: Khordha**
**State: Odisha, Pin: 752057**
**+91-9437281655**
**Email : amarisatya@gmail.com**